## ଜଙ୍ଗଲାଞ୍ଚଳରେ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

# ଅନ୍ୟ ଦଳର ୩୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ୍



**ଅନୁଗୋଳ, ୨୫।୪(ସମିସ)**

ଅନୁଗୋଳ ବ୍ଲକର ୯ ଗୋଟି ପଞ୍ଚାୟତ ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ। ଚଳିତ ସାଧାରଣ ନିର୍ବାଚନରେ ଏହି ୯ ପଞ୍ଚାୟତରେ ବିଜେଡି ପ୍ରତି ଜନସମର୍ଥନ ବୃଦ୍ଧି ପାଇବାରେ ଲାଗିଛି। ନୂତନ ଭୋଟରମାନେ ବିଜେଡିକୁ ଭୋଟ୍ ଦେବା ପାଇଁ ମନ ସ୍ଥିରକରି ଦଳରେ ସାମିଲ୍ ହେଉଥିବା ଜଣାଯାଇଛି। ଅନ୍ତୁଳିଆ ଠାରେ ଅନୁଷ୍ଠିତ ଏକ ବିଶାଳ କର୍ମୀ ସମ୍ମିଳନୀରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ନଳିନୀକାନ୍ତ ପ୍ରଧାନଙ୍କୁ ଯଥାକ୍ରମେ ସାଂସଦ ଓ ବିଧାୟକ ଭାବେ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ଦୃଢ଼ ସଂକଳ୍ପ ନେଇଛନ୍ତି। ଏହି କର୍ମୀ ସମ୍ମିଳନୀରେ ୩୦୦ରୁ ଅଧିକ ଅନ୍ୟଦଳର ସକ୍ରିୟ କର୍ମୀ ବିଜେଡିରେ ଯୋଗଦାନ କରିଥିଲେ। ଗତ ବୁଧବାର ବିଜୁ ଜନତା ଦଳ ପକ୍ଷରୁ ପ୍ରତି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀରେ ପ୍ରତ୍ୟେକ ପଞ୍ଚାୟତରେ ୭ ଶହରୁ ଅଧିକ କର୍ମୀ ସମାବେଶ ବିରୋଧୀ ଦଳଗୁଡିକୁ ଚକ୍ୱିତ କରିଦେଇଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା ବିଧାୟକ ଓ ସାଂସଦ ପ୍ରାର୍ଥୀ ନଥିଲେ ମଧ୍ୟ କର୍ମୀମାନେ ଶୃଙ୍ଖଳାର ସହିତ ସମ୍ମିଳନୀରେ ବିଜୁ ଜନତା ଦଳର ସଫଳ ଯୋଜନା ଉପରେ ଆଲୋଚନା କରିଥିଲେ। ସାଂସଦ ପ୍ରାର୍ଥୀ ଭାବେ ପ୍ରଣବ ପ୍ରକାଶ ଦାସ ଏବଂ ବିଧାୟକ ପ୍ରାର୍ଥୀ ଭାବେ ମାଟିର ବିକାଶ ପୁରୁଷ ନଳିନୀକାନ୍ତ ପ୍ରଧାନଙ୍କୁ ପାଇ କର୍ମୀ ଅଧିକ ଉତ୍ସାହିତ ହୋଇ ନିଜ ନିଜର ମତ ପ୍ରକାଶ କରିଥିଲେ। ପଞ୍ଚାୟତସ୍ତରୀୟ ଏହି କର୍ମୀ ସମ୍ମିଳନୀରେ ସଂପୃକ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟମାନେ ଉପସ୍ଥିତ ଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟା କାଜଲ ପଟ୍ଟନାୟକ ମଧ୍ୟ ପ୍ରତି ପଞ୍ଚାୟତ ସଭାରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତସ୍ତରରେ ଗଠିତ ବିଜେଡି କମିଟିର ଉମା ଦେହୁରୀ, ଦେବରାଜ ସାହୁ, ଦିଲୀପ ପ୍ରଧାନ, ସରୋଜ ପଟ୍ଟନାୟକ, ରମେଶ ପ୍ରଧାନ, ନବକିଶୋର ବିଶୋଇ, ତ୍ରିଲୋଚନ ସାହୁ ପ୍ରମୁଖ ସଭା ପରିଚାଳନା କରିଥିଲେ। ଶରଧାପୁର ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀକୁ ସୁଦୃଢ଼ କରିଥିଲେ। ସବୁ ପଞ୍ଚାୟତରେ ଶଙ୍ଖ ଚିହ୍ନରେ ଦୁଇ ଗୋଟି ଭୋଟ୍ ଦେବାକୁ ଶପଥ କରିଥିଲେ।





■ ପିଲା ଚୋର ସନ୍ଦେହରେ ନିସ୍ତୁକ ମାଡ଼

## ଯୁବକଙ୍କୁ ପୁଲିସ ଜିମା ଦେଲେ ଗ୍ରାମବାସୀ

**ଅନୁଗୋଳ, ୨୫।୪(ସମିସ):** ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ ତେନ୍ତୋଲୋଇ ଗ୍ରାମରେ ପିଲା ଚୋର ସନ୍ଦେହରେ ଜଣକୁ କାବୁକରି ପୁଲିସ ଜିମା ଦେଇଛନ୍ତି ଗ୍ରାମବାସୀ। ସୂଚନାଯୋଗ୍ୟ ଯେ, ବୁଧବାର ରାତିରେ ଜଣେ ଅଜଣା ବ୍ୟକ୍ତି ତେନ୍ତୋଲୋଇ ଗ୍ରାମ ଭିତରକୁ ଆସି ଗୋଟିଏ ଛୋଟ ଛୁଆକୁ ଧରିବାକୁ ଚେଷ୍ଟା କରୁଥିଲା। ସେହି ସମୟରେ ଝିଅର ଦାଦା ଦେଖି ଦେଇଥିଲେ। ଏହା ପରେ ଲୋକଟି ପଳାଇବାକୁ ଚେଷ୍ଟା କରିଥିଲା। ତେବେ ତାକୁ ଗ୍ରାମବାସୀ କାବୁକରି ନେଇ ମାଡ଼ ମାରିଥିଲେ। ଖବର ପାଇ ଘଟଣାସ୍ଥଳରେ ବିକ୍ରମପୁର୍ ପୁଲିସ ପହଞ୍ଚିଥିଲା ଓ ପରେ ବଁଅରପାଳ



ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ପିଲା ଚୋରକୁ ବାନ୍ଧିଥିଲା।

## ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ



**ଅନୁଗୋଳ, ୨୫।୪(ସମିସ):** ଜନସାଧାରଣ ଏବଂ ବୁଦ୍ଧିଜୀବୀଙ୍କ ଅଭିଯୋଗକୁ କେନ୍ଦ୍ରକରି ଅନୁଗୋଳ ବସଷ୍ଟାଣ୍ଡଠାରୁ ବଜାର ଛକ, ଷ୍ଟାଇଲ ବଜାର ଛକଠାରୁ ଗାନ୍ଧିମାର୍ଗ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପୁଲିସ ତରଫରୁ ଫୁଟ ପାଟ୍ରୋଲିଂ କରି ରାସ୍ତାରେ ବେଆଇନ ଭାବରେ ଗାଡ଼ି ପାର୍କିଂ କରିଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ପ୍ରତ୍ୟେକ ଦିନ ଦୋକାନୀମାନଙ୍କୁ ତାଙ୍କ ଦୋକାନର ଜିନିଷ ରାସ୍ତା ଉପରକୁ ମଡେଇ ନରଖିବା ପାଇଁ ଅନୁରୋଧ କରାଯାଇଛି ଏବଂ ଆଗାମୀ ଦିନରେ ଯଦି କିଏ ଏହାର ଅବମାନନା କରେ, ତାହେଲେ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରାଯିବ ବୋଲି ତାଗିଦ କରାଯାଇଛି। ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପୌର ପରିଷଦ ନିର୍ବାହୀ ଅଧିକାରୀ, ଡିଏସପି ବିରଞ୍ଚି ବାଗ୍, ଟାଉନ ଥାନା ଅଧିକାରୀ ଧୀରେଶ ଚନ୍ଦ୍ର ଦାଶ ଓ ସାଇବର ଥାନା ଅଧିକାରୀ ଖାଲେଶ୍ୱର ସେଠୀଙ୍କର ମିଳିତ ବୈଠକରେ ଗାଡ଼ି ପାର୍କିଂ ସ୍ଥାନ ନିରୂପଣ କରାଯିବା, ରସ୍ତା କଡ଼ରେ ଛୋଟ ବଡ଼ ବ୍ୟବସାୟୀଙ୍କ ଥଇଥାନ ବିଷୟରେ ନିଷ୍ପତ୍ତି ନିଆଯାଇଛି। ବେଆଇନ ପାର୍କିଂ ଏବଂ ବ୍ୟବସାୟୀମାନଙ୍କୁ ଉଚ୍ଛେଦ ଏବଂ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ରାସ୍ତାକୁ ମଡ଼ାଇ ବେଆଇନ ଭାବରେ ଦଖଲ କରିଥିବା ଜାଗାଗୁଡିକୁ ତୁରନ୍ତ ତିନିଦିନ ଭିତରେ ଖାଲି କରିବା ପାଇଁ ପ୍ରଥମେ ପୌର ପରିଷଦ ତରଫରୁ ପବ୍ଲିକ୍ ଘୋଷଣା କରାଯିବ। ତାପରେ ପୌର କର୍ମଚାରୀ ସେମାନଙ୍କଠାରୁ ପ୍ରତ୍ୟହ ଫାଇନ ଆଦାୟ କରିବେ ଏବଂ ବେଆଇନ ଜବରଦଖଲକାରୀଙ୍କ ଘର ଉଚ୍ଛେଦ କରାଯିବ। ଏହିପରି ଭାବରେ ରାତ୍ରି ସମୟରେ ନୋ ଏଣ୍ଟ୍ରି ସରିଲା ପରେ ଜନସାଧାରଣ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ତା'ର ନିବାରଣ ପାଇଁ ବିଗତ କିଛିଦିନ ହେଲାଣି ପୁଲିସର ଗୋଟିଏ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଯାହାଫଳରେ ରାତିରେ ଟ୍ରାଫିକ ସମସ୍ୟା କିଛି ମାତ୍ରାରେ ସୁଧାରି ପାରିଛି। ଚଳିତ ମାସରେ ଅନୁଗୋଳ ଜିଲ୍ଲାର ପ୍ରତ୍ୟେକ ଥାନା ଏରିଆରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ସମୁଦାୟ ୨୩ ଲକ୍ଷ ୬୩ହଜାର ୪୪୫ ଟଙ୍କା ଫାଇନ ଆଦାୟ କରାଜାଇଛି। ଆଗାମୀ ଦିନରେ ଜନସାଧାରଣଙ୍କ ସୁରକ୍ଷା ପାଇଁ ପୁଲିସ ସଦାବେଳେ ସଜାଗ ରହିବ ଓ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଭାରତୀୟ ଦନ୍ତ ଚିକିତ୍ସକ ସଙ୍ଘର ସ୍ଥାପନା ସମାରୋହ



**ଅନୁଗୋଳ, ୨୫।୪(ସମିସ):** ସ୍ଥାନୀୟ ଏକ ହୋଟେଲରେ ଭାରତୀୟ ଦନ୍ତ ଚିକିତ୍ସକ ସଙ୍ଘ ଅନୁଗୋଳ ଶିଳ୍ପାଞ୍ଚଳ ଶାଖାର ସ୍ଥାପନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ଅନୁଗୋଳ ଓ ତାଳଚେର ଅଞ୍ଚଳର ବହୁ ବରିଷ୍ଠ ଓ ଯୁବ ଦନ୍ତ ଚିକିତ୍ସକ ଯୋଗଦାନ କରିଥିଲେ। ରାଜ୍ୟ ଦନ୍ତ ଚିକିତ୍ସକ ସଙ୍ଘର ପୂର୍ବତନ ସଭାପତି ଡ଼ା ମାଇକେଲ ଜନ ସମସ୍ତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ସମାରୋହରେ ଡ଼ା ଶଶାଙ୍କ ଶେଖର ସାହୁ ଯୋଗଦେଇ ଦନ୍ତ ଚିକିତ୍ସା କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ପ୍ରୟୋଗ ଏବଂ ନିୟମିତ ବ୍ୟବଧାନରେ ଦକ୍ଷତା ବୃଦ୍ଧି କର୍ମଶାଳା ଆୟୋଜନ ଉପରେ ଆଲୋକପାତ କରିଥିଲେ। ସମାରୋହରେ ନୂତନ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣକରିବା ସହ ଦନ୍ତ ଚିକିତ୍ସା କ୍ଷେତ୍ରରେ କିଭଳି ମାନବୃଦ୍ଧି ହୋଇପାରିବ ସେଥିନେଇ ଆଲୋଚନା ହୋଇଥିଲା। ସଂଘର ସଭାପତିଭାବେ ଡ଼ା ଶଶାଙ୍କ ଶେଖର ସାହୁ, ସଭାପତି(ଇଲେକ୍ଟ) ଭାବେ ଡ଼ା ଦୀପକ କୁମାର ମାଝୀ, ଉପସଭାପତି ଭାବେ ଡ଼ା ପୁଷ୍ପାଞ୍ଜଳି ପ୍ରଧାନ ଓ ଡା ପ୍ରବୀଣ କୁମାର୍ ମିଶ୍ର, ସମ୍ପାଦକ ଭାବେ ଡ଼ା ବି. ଏନ.ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ଡ଼ା ରୋନକ୍ ଚୌଧୁରୀ ଓ ଡ଼ା ସିପ୍ରା ସାହୁ, ସହ ସମ୍ପାଦକଭାବେ ଡ଼ା ଅଭିଜିତା ସାହୁ ଓ ଡ଼ା ଅଭିଜିତନାୟକ, କୋଷାଧ୍ୟକ୍ଷ ଭାବେ ଡ଼ା ପିପି ଗୌରବ, ଆବାହକ ଭାବେ ଡ଼ା ପୟଦା ପଟ୍ଟନାୟକ ଓ ଡ଼ା ପ୍ରଗତି ମୋଦି ଦାୟିତ୍ୱଗ୍ରହଣ କରିଥିଲେ। ସମାରୋହରେ ଅନ୍ୟମନଙ୍କ ମଧ୍ୟରେ ସଙ୍ଘ ଏଡିଟର ଡ଼ା ସୁଚିସ୍ମିତା ସାମଲ ଏବଂ ପ୍ରାକ୍ତନ ସଭାପତି ଡ଼ା ଶକ୍ତିପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଡ଼ା ରୋନକ ଚୌଧୁରୀ ମଞ୍ଚ ପରିଚାଳନା କରିଥିବା ବେଳେ ଡ଼ା ବି ଏନ୍ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ତାଳଚେରରେ ଅଘୋଷିତ ବିଦ୍ୟୁତ୍ କାଟ୍

# ତାତିରୁ ନାହିଁ ନିସ୍ତାର, ବଢୁଛି ଜନଅସନ୍ତୋଷ

**ତାଳଚେର ସଦର, ୨୫।୪(ସମିସ):** ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ୨ଟି ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ସହ ପ୍ରଚୁର କୋଇଲା ମହଜୁଦ୍ ରହିଥିବା ବେଳେ ଏଭଳି ଏକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତକାଟ୍ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଓଡ଼ିଶାର ଉତ୍ତପ୍ତ ସହରଭାବେ ତାଳଚେର ପରିଣତ ହୋଇଥିବା ବେଳେ ଆଜକୁ ଦୁଇଦିନ ହେବ ପାରଦ ଖସୁନି। କିନ୍ତୁ ଏହାର ପ୍ରଭାବ ଆଜି ପ୍ରଖର ହୋଇଥିବା ଅନୁମାନ କରାଉଥିବା ବେଳେ ପଥଚାରୀ ତାତିରୁ ନିସ୍ତାର ପାଇ ନଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ତାଳଚେର ଅଞ୍ଚଳରେ ମାତ୍ରାଧିକ ଜଙ୍ଗଲ ଥିଲା, ତାତି ସହିତ ଖରାର ପ୍ରଭାବ ବିଶେଷ ଜଣାପଡୁ ନଥିଲା। ତାଳଚେର ଶିଳ୍ପନଗରୀରେ ପରିଣତ ହେଲା ପରେ ଖଣିଖାଦାନ ଯୋଗୁଁ ଜଙ୍ଗଲ ଜମି ନଷ୍ଟ ହେବା ସାଙ୍ଗକୁ ଖରା ପ୍ରକୋପ ବଢ଼ିବାକୁ ଲାଗିଲା।




ପ୍ରଚଣ୍ଡ ଖରା ସହ ଅସହ୍ୟ ଗୁଳୁଗୁଳିରେ ଜନଜୀବନକୁ ପ୍ରଭାବିତ କରୁଥିବା ବେଳେ ତାଳଚେର ବିଦ୍ୟୁତ୍ ବିଭାଗର ଅଘୋଷିତ ବିଦ୍ୟୁତ କାଟ ଚାଲିଛି ବୋଲି ତାଳଚେର ଉପଭୋକ୍ତମାନେ ଅଭିଯୋଗ କରିଛନ୍ତି। ତାପମାତ୍ରା ବୃଦ୍ଧି ପାଇ ଆଜି ୪୨ ଡିଗ୍ରୀ ଥିବା ବେଳେ ଉକ୍ରଟ ଜଳସଙ୍କଟ ବୃଦ୍ଧି ପାଉଥିବାରୁ କୁଅ ପୋଖରୀ, ନଈନାଳ ଶୁଷ୍କ ହୋଇଯାଉଛି। ପାଣି ଟୋପାଏ ପାଇଁ ଜୀବଜଗତ ତ୍ରାହିତ୍ରାହି ଡ଼ାକ ଦେଉଥିବା ଦେଖାଦେଇଛି। ତେବେ ଏପରିସ୍ଥଳେ ବିଦ୍ୟୁତ୍ ବିଭାଗର ଚରମ ଅବହେଳା ଓ ମନମାନିକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

■ କୋଇଲାନଗରୀରେ ଜଳସଙ୍କଟ ସହ ଲୋପପାଉଛି ଜଙ୍ଗଲ

## ଗ୍ରୀଷ୍ମପ୍ରବାହରେ ବନ୍ୟଜନ୍ତୁଙ୍କ ସୁରକ୍ଷା ଦାବି



**ତାଳଚେର ସଦର, ୨୫।୪(ସମିସ):** ତାଳଚେରର ଉପଖଣ୍ଡର କଣିହାଁ, ରେଞ୍ଜ କ୍ଷେତ୍ରରେ ରହିଥିବା ଜଙ୍ଗଲଗୁଡ଼ିକରେ ବନ୍ୟଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ଏବେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି ଓ ଜୀବଜନ୍ତୁଙ୍କ ପାନୀୟ ଜଳର ଆବଶ୍ୟକତା ରହିଛି। ଜଙ୍ଗଲାଞ୍ଚଳରେ ଆବଶ୍ୟକ ପାନୀୟ ଜଳର ଅଭାବ କାରଣରୁ ବହୁ ଜୀବଜନ୍ତୁ ଏବେ ଗ୍ରାମାଭିମୁଖୀ ହେଉଛନ୍ତି। ବ୍ରାହ୍ମଣୀ ନଦୀ ଯୋଗୁଁ ଏହା ଶସ୍ୟ ଶ୍ରାମଳା। ସେହିପରି ଜଙ୍ଗଲଜାତ ଦ୍ରବ୍ୟ ଏବଂ ବନ୍ୟଜନ୍ତୁଙ୍କୁ ନେଇ ଏଠାରେ ଆର୍ଥିକ ସ୍ଥିତିକୁ ଦୃଢ଼ୀଭୂତ କରିବା ସହାୟକ ହେଉଥିଲା। ଏହି ଭୂଖଣ୍ଡର ଅଧିକାଂଶ ସ୍ଥାନ ଘଞ୍ଚଜଙ୍ଗଲ ଅଞ୍ଚଳ ହୋଇଥିବାରୁ ସେ ସମୟରେ ବନ୍ୟଜନ୍ତୁଙ୍କ ଅବାଧ ବିଚରଣ ଦେଖିବାକୁ ମିଳୁଥିଲା। ମାତ୍ର ସ୍ୱାଧୀନତା ପରଠାରୁ ତାଳଚେର ଅଞ୍ଚଳଟିକୁ କୋଇଲା ଖଣି ଗ୍ରାସ୍ କରିବାରୁ ପ୍ରାୟ ଜଙ୍ଗଲ ଲୋପ ପାଇଥିବା ବେଳେ ସେହିପରି କଣିହାଁରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଯାହା ଫଳରେ କି, ପଶୁପକ୍ଷୀଙ୍କ ସଂଖ୍ୟା ଲୋପ ପାଇବା ସହ ଜଳବାୟୁ ଅସନ୍ତୁଳନ ଯୋଗୁଁ ପଶୁପକ୍ଷୀମାନେ ଏବେ ନିଜକୁ ନିରାପଦ ନମଣି ଅନ୍ୟତ୍ର ଚାଲିଯାଉଥିବା ବେଳେ ଆଉ କିଛି ଜୀବଜନ୍ତୁ ରାସ୍ତା ନପାଇ ଗ୍ରାମାଞ୍ଚଳ ମଧ୍ୟକୁ ପଶି ଆସୁଥିବା ନଜିର ରହିଛି। ଯଦିଓ ହାତୀପଲଙ୍କ ଉପଦ୍ରବ ଏକ ସମସ୍ୟା ରୂପେ ଦେଖାଦେଇଛି, ଅନ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସୂତ୍ର ଖୋଜିବାର ଆବଶ୍ୟକତା ରହିଛି। ଏଠାରେ ଖଣି ଜନିତ ଜଙ୍ଗଲ ଜମି ଗୁଡ଼ିକୁ ପଦା କରାଯାଉଥିବାରୁ ବନ୍ୟ ଜନ୍ତୁମାନେ ବିପଦଗାମୀ ହେଉଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଯେତିକି ବୃକ୍ଷ କଟା ଯାଉଛି, ସେତିକି ବୃକ୍ଷ ଲଗାଇବା ଆବଶ୍ୟକତା ନିୟମ ରହିଥିଲେ ମଧ୍ୟ ତାହା ଏଠାରେ ପାଳନ ହେଉ ନଥିବା ଅଭିଯୋଗ ହେଉଛି। ଏଠାରେ ଅସହ୍ୟ ଗ୍ରୀଷ୍ମତାପ ଓ ଜଳକଷ୍ଟ ଯୋଗୁଁ ପଶୁପକ୍ଷୀ ମଧ୍ୟ ଏଥିରୁ ନିସ୍ତାର ପାଉନାହାନ୍ତି। ବାକି ରହିଯାଇଥିବା ଜଙ୍ଗଲ ଗୁଡ଼ିକରେ ଯଦିଓ ପଶୁପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଉଛି, ତେବେ ଉପରୋକ୍ତ କାରଣ ଯୋଗୁଁ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏଠାରେ ପରିବେଶ ନଷ୍ଟ ହେଉଥିବାରୁ ପରିବେଶବିତ୍ ମାନେ ଚିନ୍ତାପ୍ରକଟ କରିଛନ୍ତି। ତେବେ ତୁରନ୍ତ ଏଥିରୁ ନିସ୍ତାର ପାଇବାକୁ ହେଲେ ଆଗାମୀ ଦିନରେ ବନବିଭାଗ ପକ୍ଷରୁ ପ୍ରଚୁର ବୃକ୍ଷରୋପଣ ସହ ପାନୀୟଜଳ ବ୍ୟବସ୍ଥା କରିବା ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି ପରିବେଶବିତମାନେ ପ୍ରକାଶ କରିଛନ୍ତି।

## ସିଭିଲ୍ ସର୍ଭିସ୍ ଟପ୍ପର ଅନିମେଶଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା

**ଅନୁଗୋଳ, ୨୫।୪(ସମିସ):** ସିଭିଲ ସର୍ଭିସ୍ ପରୀକ୍ଷା ୨୦୨୩ରେ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଅନିମେଶ ପ୍ରଧାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଅବ୍ଦାଲ୍ ଏମ୍ ଅଖତାର ଜିଲ୍ଲା କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ତଥା ଅନୁଗୋଳ ଜିଲ୍ଲା ଗର୍ବିତ ବୋଲି ପ୍ରକାଶ କରିଥିଲେ। ଏହା ସହ ତାଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସହଯୋଗ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ସୂଚନାଥାଉ କି, ଅନିମେଶ ପ୍ରଧାନ ଅନୁଗୋଳ ଜିଲ୍ଲା ତାଳଚେର ବ୍ଲକ ଗୋପାଳ ପ୍ରସାଦ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାଲୁଗାଡ଼ିଆ ଗ୍ରାମର ବାସିନ୍ଦା ଅଟନ୍ତି। ସେ ଡିଏଭି କଳିଙ୍ଗ ଏରିଆରେ ନିଜର ସ୍କୁଲ ଏବଂ ଏନ୍ଆଇଟି ରାଉରକେଲାରେ



କମ୍ପ୍ୟୁଟର ସାଇନ୍ସରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଇଣ୍ଡିଆନ ଅଏଲ, ନୂଆଦିଲ୍ଲୀ ଠାରେ କାର୍ଯ୍ୟରତ ଥିଲେ। ସେ ପ୍ରଥମ ପ୍ରୟାସରେ ଏହି ସଫଳତା ହାସଲ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳଙ୍କ ରେସିଡେନ୍ସି ଅଫିସର ଡଃ ବିଶ୍ୱଭୂଷଣ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

■ ଦୋହଲୀ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

## କେନ୍ଦ୍ରୀୟ ଟିମ୍‌ର ଜାତୀୟ ସ୍ୱାସ୍ଥ୍ୟ ଗୁଣବତ୍ତା ଯାଞ୍ଚ୍



**କିଶୋରନଗର, ୨୫।୪(ସମିସ):** ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗୁଣବତ୍ତା ନିଶ୍ଚିତତା ମାନକ ଆକଳନ ଲାଗି ଅନୁଗୋଳ ଜିଲ୍ଲାର କିଶୋରନଗର ବ୍ଲକର ଦୋହଲ୍ଲୀ ଆରୋଗ୍ୟ ମନ୍ଦିର ପରିଦର୍ଶନ କରିଛନ୍ତି। ଜନସ୍ୱାସ୍ଥ୍ୟ ସେବାରେ ଗୁଣାତ୍ମକ ମାନ ବୃଦ୍ଧି କରିବାକୁ ସରକାରଙ୍କ ଏକ ବ୍ୟାପକ ସ୍ୱୀକୃତ ପ୍ରକ୍ରିୟା ହେଉଛି ଏହି ଆକଳନର ମୁଖ୍ୟ ଲକ୍ଷ୍ୟ। ରୋଗୀ ଅଧିକାର, କ୍ଲିନିକାଲ ସେବା, ସଂକ୍ରମଣ ନିୟନ୍ତ୍ରଣ, ଗୁଣବତ୍ତା ପରିଚାଳନା ଆଦି ଗୋଷ୍ଠୀସ୍ତରୀୟ ସେବାଗୁଡିକ ଉପରେ ମୁଖ୍ୟତଃ ଆକଳନ ହୋଇଥିଲା। ଏହି ଜାତୀୟ ଟିମର ଡା. ନିରଞ୍ଜନ ଗଙ୍ଗୋପାଧ୍ୟାୟ, ଡା. ରାଜେଶ କୁମାର ପଟେଲ, ଜିଲ୍ଲା ପୋଗ୍ରାମ ମ୍ୟାନେଜର ଦୀପକ କୁମାର ମହାନ୍ତି, ଏନକ୍ୟୁଏଏସ ମ୍ୟାନେଜର ବତିନ୍ କୁମାର, ଗୋଷ୍ଠୀ ସ୍ୱାସ୍ଥ୍ୟ ବିପିଏଚଓ ଡା. ବିନୟ ମଶ୍ର, ଆୟୁଷ ଡାକ୍ତର ସରୋଜ କୁମାର ନନ୍ଦ, ବିପିଏମ୍ ଅଜିତ୍ କୁମାର ସାହୁ, ବିଏଏସ୍ ପ୍ରମୋଦ କୁମାର ସିଂହ, ଫାର୍ମାସିଷ୍ଟ ସରୋଜ ସାହୁ, , ବିଭୁତି ଭୂଷଣ ଦେହୁରୀ, ସ୍ୱାସ୍ଥ୍ୟ କର୍ମୀ ଭାଗ୍ୟ ରଞ୍ଜନ ସାମଲ ଓ ନାରାୟଣ ଦେହୁରୀ, ଏମଆରଏ ମନୋରଞ୍ଜନ ସାହୁ, ଦୋହଲୀ ଏଚଡବ୍ଲୁସି ଟିମ୍ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୌରଭ କୁମାର ନାହାକ, ସୌମ୍ୟରଞ୍ଜନ ଆଚାର୍ଯ୍ୟ, ମହିଳା ସ୍ୱାସ୍ଥ୍ୟ କର୍ମୀ ମଧୁସ୍ମିତା ସାହୁ, ପ୍ରତିମା ସାହୁ, ସୁପରଭାଇଜର ଦିବ୍ୟ ରଞ୍ଜନ ସହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୪୦୦ରୁ ଊର୍ଦ୍ଧ୍ୱ ଅପରିଚିତ ଶବ ପୋଡ଼ି ଚର୍ଚ୍ଚାରେ

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ କିନ୍ନର ଚିନ୍ମୟୀ

**ଅନୁଗୋଳ, ୨୫।୪(ସମିସ)**

ସେବା କାର୍ଯ୍ୟ ପାଇଁ ଚର୍ଚ୍ଚାରେ ରହୁଥିବା ଅନୁଗୋଳର ଚିନ୍ମୟୀ ଦାସ କରୋନା ମହାମାରୀ ସମୟରେ ୪୧ଟି ଶବ ପୋଡ଼ିଛନ୍ତି। ଇତି ମଧ୍ୟରେ କିନ୍ନର ଚିନ୍ମୟୀ ଦାସ ଚାରି ଶହରୁ ଊର୍ଦ୍ଧ୍ୱ ଅପରିଚିତ ଶବ ପୋଡ଼ି ନିଜର ଏକ ସ୍ୱତନ୍ତ୍ର ଓ ସମ୍ମାନଜନକ ସ୍ଥାନ ଦଖଲ କରିବା ସହିତ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ପୂର୍ବରୁ ଲଣ୍ଡନ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସେ ସ୍ଥାନ ପାଇଥିଲେ। ଚିନ୍ମୟୀ କରୋନା ମହାମାରୀ ବ୍ୟତୀତ କୁଷ୍ଠ ରୋଗୀ ଓ ମାଛିଆପାତକ ରୋଗୀଙ୍କୁ ଘୃଣାହୀନ ଭାବରେ ସେବାକରିବା, କ୍ୟାନସର, ଏଡସ ରୋଗୀଙ୍କ ସେବା ସବୁ ମା' ଭଳି ସେବା କରିଆସୁଛନ୍ତି। ଏଭଳି ରୋଗୀଙ୍କ ଚିକିତ୍ସା




ଖର୍ଚ୍ଚ ତୁଲାଇବା ପାଇଁ ଭିକ୍ଷାମାଗିବା, ଗ୍ରାମରୁ ଅଳିଆ ଆବର୍ଜନା ସଫା, ଭିକ୍ଷାବୃତ୍ତିଧାରୀ ଲୋକଙ୍କୁ ଟିକାକରଣ, ଜଙ୍ଗଲ ପୋଡ଼ିକୁ ରୋକିବାକୁ ଜନସାଧାରଣଙ୍କୁ ସଚେତନ କରିବା, ଖରାଦିନେ ପକ୍ଷୀମାନଙ୍କୁ ଆହାର ଓ ଜଳପ୍ରଦାନ, ଘରପୋଡ଼ିରେ ନିଜର ମାନବସେବା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନଙ୍କୁ ନେଇ ସକ୍ରିୟ ସାହାଯ୍ୟ କରିବା, ଦୁର୍ଘଟଣାରୁ ଗାଈ ବଳଦକୁ ରକ୍ଷା କରିବାକୁ ତାଙ୍କ ଦେହରେ ରେଡିୟମ୍ ବାନ୍ଧିବା, ବସ୍ତି ପିଲାଙ୍କୁ ମାଗଣା ଭୋଜନ ସହିତ ଶିକ୍ଷାଦାନ ବ୍ୟବସ୍ଥାରେ ସହାୟତା କରିବା ମାନବ ସେବା ଚାରିଟେବୁଲ ଟ୍ରଷ୍ଟର ମୂଳ ଲକ୍ଷ୍ୟ। ଏତଦ ବ୍ୟତୀତ କୋଉଠି କିଏ ଗରିବ ଲୋକ ରୋଗରେ ପଡ଼ିଲେ ତାକୁ ପ୍ରାଥମିକ ଚିକିତ୍ସା କରି ଡାକ୍ତରଖାନାରେ ପହଞ୍ଚାଇବା, ଗାଡ଼ି ମୋଟର ଦୁର୍ଘଟଣାରେ ପଡ଼ିଥିବା ଲୋକଙ୍କୁ ଅମ୍ବୁଲାନ୍ସ ଡାକି ତୁରନ୍ତ ଚିକିତ୍ସାର ବନ୍ଦୋବସ୍ତ କରିବା, ଅସହାୟ କୁଷ୍ଠରୋଗୀଙ୍କ ସେବା କରିବା, ନାରୀ ଅତ୍ୟାଚାରକୁ ଦୃଢ଼ ହସ୍ତରେ ଦମନ କରିବା ପାଇଁ ଆନ୍ଦୋଳନ କରିବା, ଅନୁଗୋଳ ଡାକ୍ତରଖାନାରେ କିନ୍ନରଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ଓ୍ୱାର୍ଡ ଓ ଦୁଇଟି ବେଡ୍ ପାଇଁ ସରକାରୀ ମଞ୍ଜୁରୀ କରାଇବା କାମ ମଧ୍ୟ ନିଜର ସେବା ତାଲିକାରେ ଯୋଡ଼ିଛନ୍ତି କିନ୍ନର ଚିନ୍ମୟୀ। ଏବେ ଚିନ୍ମୟୀଙ୍କ ପାଖରେ ୧୫ଜଣ ଅସହାୟ ଛୋଟ ଶିଶୁ ଓ ବୃଦ୍ଧ ରହୁଛନ୍ତି। ଏବେ ସେ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟରେ ପ୍ରତ୍ୟେକ ଦିନ ଗରିବ ଲୋକଙ୍କ ସେବାରେ ନିୟୋଜିତ ଅଛନ୍ତି। ସମାଜସେବା ପାଇଁ ଚିନ୍ମୟୀ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ ଗଣେଶୀ ଲାଲଙ୍କଠାରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଆଜି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସେ ସ୍ଥାନ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି, ସେଥିପାଇଁ ବୁଦ୍ଧିଜୀବୀଙ୍କ ମହଲରେ ତାଙ୍କୁ ପ୍ରଶଂସା କରାଯାଇଛି।

## ଯୁକ୍ତ ୩ ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ

**କେନ୍ଦ୍ରାପଡ଼ା, ୨୫।୪(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଏକ ପ୍ରତିଷ୍ଠିତ କଲେଜରେ ପାଠ ପଢୁଥିବା ଯୁକ୍ତ ୩ ଛାତ୍ରୀଙ୍କ ଅଶ୍ଳୀଳ ଭିଡ଼ିଓ ଭାଇରଲ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଛାତ୍ରୀ ଜଣଙ୍କ ୧୦ମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଜଣେ ଯୁବକ ତାଙ୍କୁ ପ୍ରେମରେ ଫସାଇ କିଛି ଅଶ୍ଳିଳ ଫଟୋ ଆଉ ଭିଡ଼ିଓ କରି ନେଇଥିଲେ। ପରେ ସେହି ଫଟୋ ଆଉ ଭିଡ଼ିଓକୁ ନେଇ ଛାତ୍ରୀଙ୍କୁ ବ୍ଲାକମେଲିଂ କରିଥିଲେ। ଏହାପରେ ଛାତ୍ରୀଙ୍କୁ ଏକ ନିର୍ଦ୍ଦିଷ୍ଟ ହୋଟେଲ ନେଇ ଶାରୀରିକ ସମ୍ପର୍କ ରଖିଥିଲେ। ସେହି ସମୟର ସମସ୍ତ ଭିଡ଼ିଓ ସିକ୍ରେଟ କ୍ୟାମେରା ଜରିଆରେ ଅଭିଯୁକ୍ତ ଉତ୍ତୋଳନ କରିନେଇଥିଲେ ବୋଲି ଛାତ୍ରୀ ଜଣଙ୍କ ଅଭିଯୋଗ କରିଛନ୍ତି। ଏହାପରେ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏନେଇ ଛାତ୍ରୀଜଣଙ୍କ ତାଙ୍କ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ପଚରାଉଚରା ପରେ ଅଭିଯୁକ୍ତ ଜଣଙ୍କ ମୋବାଇଲରୁ ସମସ୍ତ ଭିଡ଼ିଓ ଆଉ ଫଟୋ ଡିଲିଟ କରିଥିଲା। ହେଲେ ୫ ବର୍ଷ ପରେ ଅର୍ଥାତ ବର୍ତ୍ତମାନ ସେହି ଭିଡ଼ିଓ ସବୁ ବିଭିନ୍ନ ସୋସିଆଲ ମିଡ଼ିଆ ସାଇଟରେ ଅପଲୋଡ଼ ହୋଇଛି। ଏନେଇ ଛାତ୍ରୀ ଜଣଙ୍କ ଜାଣିବା ପରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଶେଷରେ ସମାଜରେ ତାଙ୍କର ସମ୍ମାନହାନୀ ହୋଇଥିବା ନେଇ ଥାନାରେ ଏକ ଲିଖିତ ଏତଲା ପରେ ପୁଲିସ ୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## କେନାଲରେ ପଡ଼ି ରାଜମିସ୍ତ୍ରିଙ୍କ ମୃତ୍ୟୁ

**କାଳିଆପାଣି, ୨୫।୪(ସମିସ):** ଆଜି ଖଣି ଅଞ୍ଚଳ ରାଁସୋଳ ପଞ୍ଚାୟତ ଅନ୍ତର୍ଗତ କଲରଙ୍ଗୀ ଅଡ୍ଡା (କୁମାର ଡିହ) ନିକଟରେ କେନାଲ ଭିତରେ ଖସିପଡ଼ି ଜଣେ ଲୋକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ଢେଙ୍କାନାଳ ଜିଲ୍ଲା ଓଡ଼ିଶ ଗାଁର ନବ ସେନାପତି। ସେ ନିକଟସ୍ଥ ଖଣି ଅଞ୍ଚଳକୁ ରାଜମିସ୍ତ୍ରି କାମ କରିବାକୁ ପ୍ରତିଦିନ ଆସିଥା'ନ୍ତି। ଆଜି ସନ୍ଧ୍ୟା ୬ଟା ସମୟରେ ତାଙ୍କ ମୃତ ଶରୀର ଭାସୁଥିବା ଦେଖି ସ୍ଥାନୀୟ ଲୋକେ କାଳିଆପାଣି ପୁଲିସକୁ ଖବର ଦେଇଥିଲେ। କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଓ ଏଏସଆଇ ସନାତନ ବେହେରା ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। କାଳିଆପାଣି ପୁଲିସ ଏ ନେଇ ଅଧିକ ତଦନ୍ତ ଜାରି ରଖିଛି।

## ବୃଦ୍ଧାଙ୍କ ଆକସ୍ମିକ ମୃତ୍ୟୁ

**କବାଟବନ୍ଧ, ୨୫।୪ (ସମିସ):** ଜେନାପୁର ଥାନା ଅନ୍ତର୍ଗତ ବାଲିସାହି (ଅଞ୍ଜିରା) ଗ୍ରାମର ଜଣେ ବୃଦ୍ଧାଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣଙ୍କ ବାସନ୍ତୀ ମଲିକ ବୋଲି ଜଣାପଡ଼ିଛି। ବାସନ୍ତୀ ବୁଧବାର ପୂର୍ବାହ୍ନରେ ଭତ୍ତା ଟଙ୍କା ଆଣିବା ପାଇଁ ସ୍ଥାନୀୟ ବାଲିସାହି ଛକ ନିକଟରେ ଥିବା ଇଣ୍ଡିଆନ୍ ବ୍ୟାଙ୍କକୁ ଯାଇଥିଲେ। ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ନିକଟସ୍ଥ ବାଲିସାହି ପ୍ରାଥମିକ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜେନାପୁର ପୁଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚାଲୁ ରଖିଛି।

● ଶଙ୍ଖଚିଲା ମା' ହିଙ୍ଗୁଳାଙ୍କ ଯଜ୍ଞର ପୂର୍ଣ୍ଣାହୁତି

## ବହୁ ଭକ୍ତଙ୍କ ସମାଗମ; ମନମୋହିଲେ ଶ୍ରୀଚରଣ

**ଶଙ୍ଖଚିଲା, ୨୫।୪(ସମିସ):** ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଶଙ୍ଖଚିଲେଶ୍ୱରୀ ମା' ହିଙ୍ଗୁଳାଙ୍କ ୯୪ତମ ବିଶ୍ୱଶାନ୍ତି ମହାଯଜ୍ଞର ଆଜି ପୂର୍ଣ୍ଣାହୁତି ହୋଇଛି। ଏହି ପୂର୍ଣ୍ଣାହୁତିରେ କର୍ତ୍ତା ଭାବେ ସମାଜସେବୀ ଶୁଭ୍ରାଂଶୁ ଶେଖର ଦାସ ଯୋଗଦେଇ ମା'ଙ୍କ ଆଶିଷ କାମନା କରିଥିଲେ। ତିନିଦିନ ଧରି ଚାଲିଥିବା ଏହି ମହାଯଜ୍ଞରେ ୨୦ ଜଣ ମହାପଣ୍ଡିତ ଓ ବ୍ରାହ୍ମଣ ନିୟୋଜିତ ହୋଇ ୧୭, ୫୫୨ ଥର ମନ୍ତ୍ର ପାଠ ଆହୂତି ଦିଆଯାଇଛି। ଗତକାଲି ୯୪୭୧ ଥର ମନ୍ତ୍ରପାଠ ଆହୂତି ପରେ ସନ୍ଧ୍ୟା ୮.୧୦ଟା ସମୟରେ ମା' ଉଭା ହୋଇଥିଲେ। ଆଜି ମା'ଙ୍କ ପୂର୍ଣ୍ଣାହୁତି ଦେଖିବାକୁ ୩୦, ୦୦୦ରୁ ଅଧିକ ଭକ୍ତଙ୍କ ସମାଗମ ହେଇଥିଲା। ମା'ଙ୍କ ବଟ ବୃକ୍ଷରେ କରିଆ ବନ୍ଧିବାକୁ ଭକ୍ତଙ୍କ ଭିଡ ଲାଗିଥିଲା। ଭକ୍ତ ଘିଅ, ଝୋଟ, ନଡିଆ ଆଦି ଯଜ୍ଞରେ ଅର୍ପଣ କରିବା ସହ ମା' ନିକଟରେ ଭୋଗ ଲଗାଇଥିଲେ। ଦିନରେ ଅସହ୍ୟ ଖରା, ଗୁଳୁଗୁଳି ଥିବାରୁ ହିଙ୍ଗୁଳା କମିଟି ଓ ସ୍ମାଇଲ ଫାଉଣ୍ଡେସନ ପକ୍ଷରୁ ଦହି ସରବତ ଓ ପାଣି ଭକ୍ତଙ୍କୁ ଦିଆଯାଉଥିବା ଦେଖିବାକୁ ମିଳିଥିଲା।

ସନ୍ଧ୍ୟାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୁରୁ ବୈକୁଣ୍ଠ ନନ୍ଦଙ୍କ ଗ୍ରୁପ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ରିଦିମ ଡ୍ୟାନ୍ସ ଏକାଡେମୀ, ଯାଜପୁରରୋଡ- ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୃତ୍ୟ କାର୍ଯ୍ୟକ୍ରମ ସହିତ ଓଡ଼ିଶାର ସୁପ୍ରସିଦ୍ଧ ଗାୟକ ଶ୍ରୀଚରଣଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ମେଳାକୁ ଆସୁଥିବା ଯାତ୍ରୀ ମେଳାରେ ହୋଇଥିବା ମୀନା ବଜାରରୁ ବିଭିନ୍ନ ଜିନିଷ ପତ୍ର କିଣାକିଣି ସାଙ୍ଗକୁ ଚଟାପଟ ଖାଦ୍ୟରେ ମଜ୍ଜା ନେଉଥିବା ଦେଖିବାକୁ ମିଳିଥିଲା। ଖାସ କରି ଛୋଟପିଲାଠୁ ଆରମ୍ଭ କରି ସମସ୍ତେ ପଡ଼ିଥିବା ବିଭିନ୍ନ ପ୍ରକାରର ଦୋଳି ଖେଳି ମଜା ନେଇଥିଲେ। ପାଣିକୋଇଲି ଓ ଶଙ୍ଖଚିଲା ଫାଣ୍ଡି ପୁଲିସ ଆଇନଶୃଙ୍ଖଳା ଉପରେ ତୀକ୍ଷଣ ନଜର ରଖିବା ସହ ଖୋଦ ପାଣିକୋଇଲି ଥାନା ଅଧିକାରିଣୀ ଲିଜାରାଣୀ ବିଶ୍ୱାଳ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ମେଳାରେ ଉପସ୍ଥିତ ରହି ତଦାରଖ କରୁଥିବା ଦେଖିବାକୁ ମିଳିଥିଲା।

ବୈତରଣୀ ନଦୀ ପାର୍ଶ୍ୱ ଜଙ୍ଗଲ ଗଛକାଟି ଚିଙ୍ଗୁଡ଼ି ଘେରି

# ଧସିଲା ୨୦୦ ମିଟର ଅତଡ଼ା; ଲୋକେ ଭୟଭୀତ

ରାଜକନିକା, ୨୫।୪(ସମିସ)



କନିକା ତହସିଲ ଅଞ୍ଚଳରେ ଜମି ମାଫିଆଙ୍କ ସହ ତାଳ ଦେଇ କେତେକ ଅଞ୍ଚଳରେ ଚିଙ୍ଗୁଡ଼ି ମାଫିଆ ସକ୍ରିୟ ରହି ସରକାରୀ ଦଣ୍ଡା, ଗୋଚର, ଗ୍ରାମ୍ୟ ଜଙ୍ଗଲ, ପାଣିନାଳ ଭଳି ସର୍ବସାଧାରଣ ସମ୍ପତ୍ତିକୁ ବେଆଇନ ଭାବେ ଦଖଲ କରିବା, ସେଥିରେ ଚିଙ୍ଗୁଡ଼ି ଘେରି କରିବାକୁ ଗଛ ନଷ୍ଟ କରିବା ଫଳରେ ଗତକାଲି ବୈତରଣୀ ନଦୀର ଗୁଆଳିଗାଁ ନିକଟରେ ୫ ଫୁଟ ଓସାର ଏବଂ ୨୦୦ ମିଟର ଲମ୍ବ ମାଟି ଅତଡା ଧସି ଯାଇଛି। କନିକା ତହସିଲର ବିଭିନ୍ନ ରାଜସ୍ୱ ମୌଜାରେ ସରକାରୀ ସମ୍ପତ୍ତି ହଡ଼ପ କରି ବେଆଇନ ଜବର ଦଖଲ ବଢ଼ିବା ସହ ନଦୀକୁଳିଆ ମାଟିକୁ ସୁରକ୍ଷା ଦେଉଥିବା ଗଛକାଟି ଚିଙ୍ଗୁଡ଼ି ଘେରି କରିବାରୁ ଏଭଳି ସ୍ଥିତି ହୋଇଥିବା ପରିବେଶବିତ୍ କହିଛନ୍ତି। ତେବେ ବୈତରଣୀ ନଦୀ ସଂଲଗ୍ନ ଏହି ମୌଜାରେ ଭିତରକନିକା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ହେନ୍ତାଳ ଜାତୀୟ ଯଥା ବନି, ଓରୁଅ, ଭଳି ଗଛ ଲଗାଯାଇଥିବା ବେଳେ ଗତ କିଛିଦିନ ଭିତରେ ସେହି ସବୁ ଗଛକୁ କାଟି ଜନୈକ ବ୍ୟକ୍ତି ଚିଙ୍ଗୁଡ଼ି ଘେରି କରିବା ଦ୍ୱାରା ମାଟିକୁ ଜାବୁଡ଼ି ଧରୁଥିବା ଗଛ ନଷ୍ଟ ପରେ ଅତଡା ଧସିବା ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ତେବେ ଏଭଳି ନଦୀକ୍ଷୟ ସମ୍ପର୍କରେ ବନବିଭାଗ ଓ ତହସିଲ କର୍ତ୍ତୃପକ୍ଷକୁ ପଚାରି ଥିଲେ ବି ସେମିତି କିଛି ସଠିକ ଉତ୍ତର ମିଳି ନାହିଁ। ତେବେ ଜଙ୍ଗଲ ନଷ୍ଟ କରି ସରକାରୀ ସମ୍ପତ୍ତିରେ ବେଆଇନ ଭାବରେ ଚିଙ୍ଗୁଡ଼ି ଘେରି କରିବା ଓ ନଦୀଗ୍ରାସ ଯୋଗୁ ନଦୀ ଉପକୂଳର ଜନବସତିକୁ ବିପଦକୁ ଠେଲି ଆରମ୍ଭ ହୋଇଥିବା ଘେରି ସମ୍ପର୍କରେ ମତ୍ସ୍ୟବିଭାଗ, ଜଙ୍ଗଲ ବିଭାଗ ଏବଂ ରାଜସ୍ୱ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ବନ୍ଧପଡ଼ା ଓ ଚାନ୍ଦିବାଉଁଶମୂଳରେ ବିଜେଡିର ବୈଠକ

**ରାଜନଗର, ୨୫।୪(ସମିସ):** ରାଜନଗର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ କର୍ମୀ ସମ୍ମିଳନୀ ବନ୍ଧପଡ଼ା ଓ ଚାନ୍ଦିବାଉଁଶମୂଳ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ବନ୍ଧପଡ଼ା ପଞ୍ଚାୟତର ଫିରିକିଦାଣ୍ଡିସ୍ଥିତ ମା'କଣସରା ପୀଠରେ ବ୍ଲକ ବିଜେଡି ସଭାପତି ନିରଂଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଦଳର ସଂଗଠନ ସଂପର୍କରେ କହିବା ସହ ଡବଲ ଶଙ୍ଖରେ ଭୋଟ ଦେବା ପାଇଁ କହିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବିଜୁ ଜନତା ଦଳର ମୁଖପାତ୍ର କୈଳାସ ଚନ୍ଦ୍ର ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପଲତା ସିୟ, ସରପଞ୍ଚ ପୁଷ୍ପଲତା ପାତ୍ର, ରବୀନ୍ଦ୍ର କୁମାର ପାତ୍ର, ଦିଲ୍ଲୀପ ସିୟ, ନଳିନୀ ନାଥ, ବୈବର୍ତ ନାରାୟଣ ବିଶ୍ୱାଳ, ସନ୍ତୋଷ କୁମାର ମହାନ୍ତି, ଦେବେନ୍ଦ୍ର କୁମାର ଜେନା, ରଂଜନ କୁମାର ରାଉତ, ସୁଜାତା ନାୟକ, ବିଜୟ ନାୟକ, ଅରୁଣ ସାହୁ, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଚାନ୍ଦିବାଉଁଶମୂଳଠାରେ ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି, ମୁଖପାତ୍ର, ପଞ୍ଚାୟତ ବିଜେଡି ସଭାପତି କାହ୍ନୁ ଚରଣ ଚଣ୍ଡ, ସରପଞ୍ଚ ଚିତ ରଂଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ବିଜେଡି ନେତା ସନ୍ତୋଷ କୁମାର ମହାନ୍ତି, ଦେବେନ୍ଦ୍ର କୁମାର ଜେନା, ଗୋପବନ୍ଧୁ ରାଉଳ, ମୋହନ କୁମାର ଦାସ, ସରୋଜ କୁମାର ରାଉତ, ପାରେଶ୍ୱର ପାତ୍ର, ଧ୍ରୁବ ଚରଣ ମହାନ୍ତି, ଶତ୍ରୁଘନ ପରିଡ଼ା, ସୁନିଲ ରାଉଳ, ଭିମସେନ ଲେଙ୍କା, ନିତ୍ୟାନନ୍ଦ ଜେନା, ସୁବାଷ ମହାନ୍ତି, ଗଗନ ବଳ, ଅଜୟ କୁମାର ବିଶ୍ୱାଳ, ସୁବ୍ରତ ଜେନା, ନରହରି ଜେନା ପ୍ରମୁଖ ଯୋଗଦେଇ ରାଜନଗରରେ ହୋଇଥିବା ବିକାଶ ସମ୍ପର୍କରେ କହିବା ସହ ଡବଲ ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ।




## ମହୁଲିଆରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ରାଜନଗର, ୨୫।୪(ସମିସ):** ରାଜନଗର ବ୍ଲକ ମହୁଲିଆ ଗ୍ରାମସ୍ଥିତ କଳ୍ପତରୁ ଆଶ୍ରମ ପରିସରରେ ୫ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଜଳଯାତ୍ରା, ସୂର୍ଯ୍ୟପୂଜା, ଗୁରୁପୂଜା, ଗୋମାତା ପୂଜା, ଯଜ୍ଞାଗ୍ନି ସ୍ଥାପନ, ମଣ୍ଡଳାଦି ପୂଜା, ଚଣ୍ଡି ଆହୂତି, ଗୀତା ଆହୁତି, ଶିବ ସହସ୍ରନାମ ଆହୂତି ସହ ସମସ୍ତ ଦେବାଦେବୀଙ୍କ ଆହୂତି ପ୍ରଦାନ କରାଯାଇଥିଲା। ପଣ୍ଡିତ ସୁନାକର ପାଣି, ପଣ୍ଡିତ କପିଳେନ୍ଦ୍ର ଦାଶ, ବିରେନ୍ଦ୍ର ଦାଶ, ରବୀନ୍ଦ୍ର ଦାଶ, ଶ୍ରୀକାନ୍ତ ଦାଶ, ରଣଜିତ ତ୍ରିପାଠୀ ଏବଂ ଚିତରଞ୍ଜନ ତ୍ରିପାଠୀ ପ୍ରମୁଖ ଏହି ମହାଯଜ୍ଞରେ ଦେବନୀତି ସମ୍ପନ୍ନ କରିଥିଲେ। ଏହି ମହୋତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଜଗତର କଲ୍ୟାଣ ନିମନ୍ତେ ପ୍ରାର୍ଥନା କରିବା ସହିତ ଦେବାଦେବୀଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ସରୋଜ କୁମାର ଦାସ ଓ ତାଙ୍କ ପତ୍ନୀ କଳ୍ପନା ଦାସ କର୍ତ୍ତା ରୂପେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମହୁଲିଆ ଗ୍ରାମବାସୀ ପରିଚାଳନା କରିଥିଲେ।

## ପାଗଳ ମାଙ୍କଡ଼କୁ ଧରିବାରେ ବନ ବିଭାଗ ବିଫଳ

**ପାଣିକୋଇଲି, ୨୫।୪(ସମିସ):** ପାଣିକୋଇଲି ବଜାରର ନମିଟିକିରୀ ରାସ୍ତାରେ ଗତକାଲି ଗୋଟିଏ ପାଗଳ ମାଙ୍କଡ଼ କାମୁଡ଼ାରେ ୧୧ ଜଣ ଆହତ ହୋଇଥିଲେ। ଉକ୍ତ ମାଙ୍କଡ଼ ଛୋଟ ଛୁଆ ହୋଇଥିବାବେଳେ ପଦ୍ମନାଭେଶ୍ୱର ମହାଦେବଙ୍କ ମନ୍ଦିର ନିକଟରେ ଥିବା ଏକ ବରଗଛରେ ରହୁଛି। ସେହି ରାସ୍ତା ଦେଇ ସ୍କୁଲ କିମ୍ବା ଟ୍ୟୁସନକୁ ଛୋଟ ପିଲା ଚାଲିକରି କିମ୍ବା ସାଇକଲରେ ଯିବା ଆସିବା କରୁଥିବାବେଳେ ହଠାତ ଗଛରୁ ଓହ୍ଲାଇ କାମୁଡ଼ି ଦେଇ ପୁଣି ଗଛ ଉପରକୁ ପଳାଇଯାଉଛି। ଖବର ପାଇ ଯାଜପୁରରୋଡ୍ ବନ ବିଭାଗ ରେଞ୍ଜ ଅଧିକାରୀ ଜ୍ୟୋତି ରଂଜନ ମହାପାତ୍ରଙ୍କ ନିର୍ଦ୍ଦେଶାନୁସାରେ ବନପାଳ ନୀଳିମା ପ୍ରିୟଦର୍ଶିନୀ ନାୟକଙ୍କ ସମେତ ସହଯୋଗୀ ଦିଲ୍ଲୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ରାଉତ ଗୁରବାର ଦିନ ତମାମ ଉକ୍ତ ସ୍ଥାନ ସମେତ ଆଖପାଖ ଅଞ୍ଚଳରେ ଯନ୍ତା ଧରି ପ୍ରୟାସ କରିଥିଲେ ମଧ ମାଙ୍କଡ଼ର କୌଣସି ପତ୍ତା ମିଳି ନ ଥିଲା। ତେବେ ମାଙ୍କଡ଼ ଧରିବା ପର୍ଯ୍ୟନ୍ତ ଅଭିଯାନ ଚାଲୁ ରହିବ ବୋଲି ବନପାଳ ଜଣାଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ମାର୍ଶାଘାଇ, ୨୫।୪(ସମିସ):** ମାର୍ଶାଘାଇ ବ୍ଲକ କରିଲୋପାଟଣା ପଞ୍ଚାୟତ ଗୋପେଇ(ପଣସୁଆଡା) ନିମାଇଁ ଚରଣ୍ଟୁଣ୍ଟିଆ(୪୯)ଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ନିଜ ଘରେ ବିଦ୍ୟୁତ କାର୍ଯ୍ୟ କରୁଥିବାବେଳେ ଅସାବଧାନତା ଯୋଗୁ ବିଦ୍ୟୁତ ସଂସ୍ପର୍ଶରେ ଆସିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହକୁ କୋଦାନଗରୀ ଥାନା ପୁଲିସ ଜବତ କରିଛି। ମାମଲା ଦାୟର କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚାଲିଛି।

## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ବନ୍ଦ ବିଦ୍ୟାଳୟ



**ଗରଦପୁର, ୨୫।୪(ସମିସ):** ଗରଦପୁର ବ୍ଲକ ଅଧିନ ବ୍ରହ୍ମପୁର ଗ୍ରାମର ସ୍କୁଲ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଦୈନିକ ଶତାଧିକ ଯୁବକଙ୍କ ନିଶା ସେବନ ପାଇଁ ଏହା ସୁରକ୍ଷିତ ସ୍ଥାନ ପାଲଟିଛି। ଏମିତିକି ଏହିଠାରୁ ସ୍ଥାନୀୟ ଅଞ୍ଚଳରେ ଲୁଟ୍‌ପାଟର ବ୍ଲୁ -ପ୍ରିଣ୍ଟ ପ୍ରସ୍ତୁତ ହେଉଛି ବୋଲି ଅଭିଯୋଗ ହୋଇଆସୁଛି। ତେବେ ଗରିବ ଆଉ ନିମ୍ନେସିତଙ୍କ ଘରୁ କେତେଜଣ ଅସାମାଜିକ ଛେଳି ନେଇଯାଉଥିବା ଅଭିଯୋଗ ହୋଇଆସୁଛି। ଏହି ବିଦ୍ୟାଳୟରେ ପୂର୍ବରୁ ଶତାଧିକ ଛାତ୍ରଛାତ୍ରୀ ପାଠ ପଢୁଥିଲେ। ବିଦ୍ୟାଳୟ ମିଶ୍ରଣ ପରେ ବ୍ରହ୍ମପୁର ବିଦ୍ୟାଳୟଟି ଗରଦପୁର ସ୍କୁଲ ସହିତ ମିଶିଯାଇଛି। ଆଜକୁ ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏହି ସ୍ଥାନଟି ଖାଲି ପଡ଼ିଥିବାରୁ ନିଶା ସେବନର ପ୍ରମୁଖ ସ୍ଥାନ ପାଲଟିଛି। ଗଞ୍ଜେଇ, ମଦଠାରୁ ଆରମ୍ଭ କରି କୋରେକ୍ସ ପର୍ଯ୍ୟନ୍ତ ଯୁବକମାନେ ଖାଉଥିବା ନଜରକୁ ଆସୁଛି। ସନ୍ଧ୍ୟାହେଲେ ଏହିଠାରେ ଭିଡ ଦେଖିବାକୁ ମିଳୁଛି। ଏମିତିକି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ନିଶାଡି କରୁଥିବାରୁ ସ୍ଥାନୀୟ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ବିଦ୍ୟାଳୟର ଘରଗୁଡ଼ିକୁ ସଂରକ୍ଷଣ କରିବା, ମରାମତି ଏବଂ ନବୀକରଣ କରାଇ କୌଣସି ସରକାରୀ କାର୍ଯ୍ୟାଳୟ ଖୋଲିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

● ପୂରିଲା ଟିକଟ କଣ୍ଟ

## ଆଶା ଛାଡ଼ିଲେ ହିମାଂଶୁଙ୍କ ସମର୍ଥକ; ୨୬ରେ ଦେବେ ଇସ୍ତଫା

**ଧର୍ମଶାଳା, ୨୫।୪(ସମିସ):** ଚଳିତ ମାସ ୨ ତାରିଖରେ ବିଜେପି ଧର୍ମଶାଳା ନିର୍ବାଚନ ମଣ୍ଡଳୀ ପାଇଁ ସ୍ମୃତିରେଖା ପହିଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା। ଏହା ପରଠାରୁ ଅନ୍ୟତମ ଆଶାୟୀ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ରାଜ୍ୟ ନେତୃବୃନ୍ଦଙ୍କ ନିକଟରେ ଟିକଟ ପରିବର୍ତ୍ତନ ନିମନ୍ତେ ଦାବି କରିଆସୁଥିଲେ। ରାଜ୍ୟ ନେତୃବୃନ୍ଦ ମଧ ପୁନର୍ବିଚାର ନିମନ୍ତେ ହିମାଂଶୁଙ୍କୁ ବାରମ୍ବାର ଥାକ ଦେଇଆସୁଥିଲେ। ଏପରିକି ୨୫ ତାରିଖରେ ବିଜେପି କେନ୍ଦ୍ରୀୟ ନେତା ଅମିତ ସାହା ଆସିବା ପରେ ଶେଷ ନିଷ୍ପତ୍ତି ନିଆଯିବ ବୋଲି କହି ଆସୁଥିଲେ। ଆଜି ସେଭଳି କିଛି ଟିକଟ ପରିବର୍ତ୍ତନ ନେଇ ଆଭାସ ମିଳି ନ ଥିଲା। ଯାହାକୁ ନେଇ ହିମାଂଶୁ ସମର୍ଥକଙ୍କ ଟିକଟ ଆଶା ମଉଳିଯାଇଛି। ଆସନ୍ତା ୨୬ ତାରିଖରେ ସମୂହ କାର୍ଯ୍ୟକର୍ତ୍ତା ବିଜେପି ପଦ ପଦବୀ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ହିମାଂଶୁଙ୍କ ନେତୃତ୍ୱରେ ୨୬ ତାରିଖରେ ୩୪ ନମ୍ବର୍ ଜୋନରେ ଏକ ସାଧାରଣ ସଭା ହେବାର କାର୍ଯ୍ୟକ୍ରମ ରହିଛି। ସେଠାରେ ଇସ୍ତଫା ଘୋଷଣା କରିବା ସହ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିବେ ବୋଲି ଜଣେ କାର୍ଯ୍ୟକର୍ତ୍ତାଙ୍କଠାରୁ ସୂଚନା ମିଳିଛି। ଯଦି ହିମାଂଶୁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ନ୍ତି, ତେବେ ବିଜେପି ପ୍ରାର୍ଥୀ ଅଡ଼ୁଆରେ ପଡ଼ିବେ ବୋଲି ଆଲୋଚନା ହେଉଛି।

# ବେଲମାଳ ଗଣ୍ଡସ୍ଥଳର ସ୍ଥିତି ପରଖିଲା ଯୁଗ୍ମ କମିଟି

ଡେରାବିଶ, ୨୫।୪(ସମିସ)



ମହାନଦୀର ଶାଖାନଦୀ ଲୁଣାନଦୀରେ ବର୍ଷ ତମାମ ପାଣି ପ୍ରବାହିତ ହୋଇଥାଏ। ଏପରିକି ନିଦାଘରା ସମୟରେ ମଧ ଏହି ନଦୀର ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ବେଲମାଳ ଠାରେ ଅକାତ କାତ ପାଣି ସହିତ ପାଣିରେ ପ୍ରବଳ ସ୍ରୋତ ମଧ ରହିଥାଏ। ସ୍ଥାନୀୟ ଲୋକମାନେ ଏହାକୁ ବେଲମାଳ ଗଣ୍ଡ ଭାବରେ ନାମିତ କରିଥିବା ବେଳେରାଦିନେ ମଧ ଏହା ମଧ୍ୟକୁ କେହି ପ୍ରବେଶ କରିନଥାନ୍ତି। ଏହି ସ୍ଥାନରୁ ମାତ୍ର ୨୦୦ ମିଟର ତଳକୁ ଦାନପୁର ସେତୁ ନିର୍ମାଣ କରାଯାଇଛି। ତେବେ ଏହି ବେଲମାଳ ଗଣ୍ଡ ନିକଟରେ ନଦୀର ବାମପାର୍ଶ୍ୱ ବନ୍ଧକୁ ସୁରକ୍ଷା ଦେବାପାଇଁ ବହୁ ପୂର୍ବରୁ ବନ୍ଧରେ ସ୍ପର ନିର୍ମାଣ କାର୍ଯ୍ୟ ହୋଇଥିଲା। ତେବେ ପ୍ରାକୃତିକ ଭାବେ କିଛି ବର୍ଷ ପୂର୍ବରୁ ନଦୀର ଗତିପଥ ବଦଳି ଦକ୍ଷିଣ ପାର୍ଶ୍ୱ ପାଣିଓଳା ଗ୍ରାମରେ ବନ୍ୟାପାଣି ମାଡ଼ ହେବା ଫଳରେ ଗ୍ରାମକୁ ସୁରକ୍ଷା ଦେବା ପାଇଁ ପାଣିଓଳା ନିକଟରେ ଜଳସମ୍ପଦ ବିଭାଗ ପକ୍ଷରୁ ପଥର ସ୍ପର ନିର୍ମାଣ କରାଯାଇଥିଲା। ଏହା ଫଳରେ ପାଣିଓଳା ଗ୍ରାମକୁ ସୁରକ୍ଷା ମିଳିଲା ଏହି ସ୍ପର ପାଇଁ ନଦୀର ଗତିପଥ ବଦଳି ବାମପାର୍ଶ୍ୱ ବନ୍ଧ କ୍ଷୟ ହେବାକୁ ଲାଗିଲା। ତେଣୁ ଏହାକୁ ସୁରକ୍ଷା ଦେବାପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ସ୍ପର କାର୍ଯ୍ୟ ନିର୍ମାଣ ଚାଲିଛି। କିନ୍ତୁ ନିର୍ମାଣଧୀନ ଏହି ସ୍ପର ସ୍ଥଳୀକୁ ଛାଡ଼ିଦେଲା ପରେ ସେଠାରୁ ବହୁ ତଳକୁ ନଦୀର ବାମପାର୍ଶ୍ୱ ବନ୍ଧ ନଦୀର ପ୍ରଖର ସ୍ରୋତ୍ରାଇ ଚାଲିଛି। ବନ୍ଧର ସୁରକ୍ଷା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଘଟଣାକୁ ଗୁରୁତ୍ୱ ସହ ନେଇ ଆଜି ଡେରାବିଶ ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି, ଜଳସେଚନ ବିଭାଗ ପୂର୍ବାଂଶ ସେକ୍ସନର ସହକାରୀ ଯନ୍ତ୍ରୀ ଇଂ ନବୀନ କିଶୋର ପାଣିଗ୍ରାହୀ, ଦାନପୁର ରାଜସ୍ୱ ନିରୀକ୍ଷକ ପଲ୍ଲବ ପ୍ରତୀମ ପ୍ରଧାନ, ଦାନପୁର ସରପଞ୍ଚଙ୍କ ପ୍ରତିନିଧି ଉମେଶ ଚନ୍ଦ୍ର ତ୍ରିପାଠୀ, ସମାଜସେବୀ ଉତ୍ତମ କୁମାର ସ୍ୱାଇଁ ପ୍ରମୁଖ ଘଟଣାରେ ଉପସ୍ଥିତ ରହି ନଦୀ ବନ୍ଧର ସ୍ଥିତିକୁ ଯାଞ୍ଚ କରିଥିଲେ। ଏ ସମ୍ପର୍କରେ ଇଂ ପାଣିଗ୍ରାହୀଙ୍କୁ ପଚାରିବାରୁ ସ୍ପର ନିର୍ମାଣ ସ୍ଥଳୀ ଠାରୁ ତଳକୁ ଆଉ ୨୦୦ ମିଟର ପର୍ଯ୍ୟନ୍ତ ବନ୍ଧରେ ପଥର ପ୍ୟାକିଂ ଓ ସ୍ପର ନିର୍ମାଣ କାର୍ଯ୍ୟର ଆବଶ୍ୟକତା ରହିଛି ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗୀୟସ୍ତରରେ ଉଦ୍ୟମ କରାଯିବ।

## ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବର ଚାରାରୋପଣ






**କେନ୍ଦ୍ରାପଡ଼ା, ୨୫।୪(ସମିସ):** ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ, କୁଶିଆପାଲ ଇକୋ କ୍ଲବ ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭ୍ରାଲିନ୍ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପକୁ ନିୟନ୍ତ୍ରଣ କରିବାକୁ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ଜେନା ଚଳିତବର୍ଷ ଏନ.ଆର.ଟି.ଏସ. ଓ ଏନ.ଏମ.ଏମ.ଏସ. ପାଇଥିବା ବିଦ୍ୟାଳୟର ମେଧାବୀ ଛାତ୍ର ଅନିରୁଦ୍ଧ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଇଥିଲେ। ଚଳିତ ବର୍ଷ ଛାତ୍ର ଅନିରୁଦ୍ଧ କିପରି ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ପାସ କରିବା ସହ ବ୍ଲକ ତଥା ଜିଲ୍ଲାରେ ଟପ୍ପର ହେବ ଏବଂ ବିଦ୍ୟାଳୟର ଅଧିକରୁ ଅଧିକ ମେଧାବୀ ଛାତ୍ର ସୃଷ୍ଟି ହେବେ ସେଥିପାଇଁ ପ୍ରତ୍ୟେକ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜେନା ଦାୟୀତ୍ୱବାନ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କର ଏଭଳି କାର୍ଯ୍ୟ ନିମନ୍ତେ ସ୍କୁଲ ପରିଚାଳନା ସମିତି ସଭାପତି ତପନ ସାହୁ ଓ ମୋ ସ୍କୁଲ ଅଭିଯାନର ସଭାପତି ଫଗୁ ଚରଣ ସାହୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ହିନ୍ଦୀ ଶିକ୍ଷକ ମହେଶ୍ୱର ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ମିଲ୍ଲି ବେହେରା, ଅକ୍ଷୟ କୁମାର ପୋଥାଳ, ରବୀନ୍ଦ୍ର କୁମାର ସିଂ, ତୁଳାରାମ ଭତରା, ଶୁଭସ୍ମିତା ଜେନା, ରତିକାନ୍ତ ଜେନା, ମଧୁସ୍ମିତା ମଲିକ, ସରସ୍ୱତୀ କୁଣ୍ଡ, ଲଳିତା ବେଉରା, ରଶ୍ମିତା ପାତ୍ର, ଅନିତା ଦାଶ, ତାରିଣୀ ପ୍ରସାଦ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସାଧାରଣ ନିର୍ବାଚନ ସୁପରିଚାଳନା ପାଇଁ ପ୍ରଶାସନର ପ୍ରସ୍ତୁତି

# ୮୬୦ ନୂତନ ପୋଲିଂ ଅଫିସରଙ୍କୁ ତାଲିମ



- ପୂର୍ବରୁ ତାଲିମ ନେଇଥିଲେ ୭୬୦୨ ପୋଲିଂ ଓ ପ୍ରିଜାଇଡିଂ ଅଫିସର
- ନିର୍ଭୁଲ ଭାବେ ଓ ସଚେତନତାର ସହ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ

**ଜଗତସିଂହପୁର,୨୫।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ୮୬୦ ଜଣ ନୂତନ ପୋଲିଂ ଅଫିସରଙ୍କ ଏକ ଦିବସୀୟ ତାଲିମ୍ କାର୍ଯ୍ୟକ୍ରମ ଗୁରୁବାର ଜିଲ୍ଲାର ୮ ଟି ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ୭୬୦୨ ଜଣ ପୋଲିଂ ଓ ପ୍ରିଜାଇଡିଂ ଅଫିସର ପ୍ରଥମ ପର୍ଯ୍ୟାୟ ତାଲିମ୍ ନେଇସାରିଛନ୍ତି। ଏବେ ନୂତନ ଭାବେ ୮୬୦ ଜଣ ପୋଲିଂ ଅଫିସରଙ୍କୁ ପ୍ରଥମ ପର୍ଯ୍ୟାୟ ତାଲିମ୍, ଜିଲ୍ଲାର ୮ଟି ବ୍ଲକରେ ସକାଳ ୭.୩୦ରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ଅନୁଯାୟୀ ପୋଷ୍ଟାଲ ବ୍ୟାଲଟ ନିମନ୍ତେ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ୍ତ ଫର୍ମ ୧୨ ପ୍ରଶିକ୍ଷଣ ନେଉଥିବା ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।

ଜିଲ୍ଲାପାଳ ଅନୁପ ସାହା ଆଜି ଏରସମା ବ୍ଲକ ଅନ୍ତର୍ଗତ ଏସ. ଏସ. ଜେ ମହାବିଦ୍ୟାଳୟ ପରିଦର୍ଶନ କରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତଦାରଖ କରିବା ସହିତ ପୋଲିଂ ଅଧିକାରୀ ମାନଙ୍କୁ ନିର୍ଭୁଲ ଭାବେ ଓ ସଚେତନତାର ସହ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ବିଭିନ୍ନ ବ୍ଲକରେ ବୁଥ୍ ଗୁଡିକ ପରିଦର୍ଶନ କରି ବୁଥରେ ପାନୀୟ ଜଳ, ଶୌଚାଳୟ, ରାମ୍ପ ବିଦ୍ୟୁତିକରଣ, ସେଡ, ପ୍ରବେଶ ଓ ପ୍ରସ୍ଥାନ ପାଇଁ ଦୁଇଟି ଡୋର ବ୍ୟବସ୍ଥାର ତଦାରଖ କରିଥିଲେ। ଟ୍ରେନିଂ କାର୍ଯ୍ୟକ୍ରମ ପାଇଁ ସୁପରଭାଇଜିଂ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ ଏବଂ ଉପ ଜିଲ୍ଲାପାଳ, ଜଗତସିଂହପୁର ଦାୟିତ୍ୱରେ ଅଛନ୍ତି। ଜଗତ୍‌ସିଂହପୁର ବ୍ଲକ୍‌ରେ ଏସ୍ ଭି ଏମ୍ ସ୍ୱୟଂଶାସିତ କଲେଜ, କୁଜଙ୍ଗ ବ୍ଲକର ବି ବି ହାଇ ସ୍କୁଲ, ତିର୍ତ୍ତୋଲ ବ୍ଲକର ତରଜଙ୍ଗା ହାଇସ୍କୁଲ, ଏରସମା ବ୍ଲକର ଏସ୍‌ଏସ୍‌ଜେ ମହାବିଦ୍ୟାଳୟ, ବାଲିକୁଦା ବ୍ଲକର ବାଲିକୁଦା ଡିଗ୍ରୀ କଲେଜ, ନାଉଗାଁ ବ୍ଲକର ବ୍ଲକ୍ କନଫରେନ୍ସ ହଲ, ବିରିଡ଼ି ବ୍ଲକ୍ର ବ୍ଲକ୍ କନଫରେନ୍ସ ହଲ, ରଘୁନାଥପୁର ବ୍ଲକେର ବ୍ଲକ୍ କନଫରେନ୍ସ ହଲଠାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅୟୋଜିତ ହୋଇଛି।

## ବିଜେଡି ପ୍ରାର୍ଥୀଙ୍କୁ ଏରସମାରେ ସମ୍ବର୍ଦ୍ଧନା



**ଏରସମା,୨୫।୪(ସମିସ):** ବିଜେଡି ପକ୍ଷରୁ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବରେ ସାରଦା ପ୍ରସନ୍ନ ଜେନାଙ୍କ ନାମ ଘୋଷଣା ପରେ,ଏରସମା ବ୍ଲକ୍ ଅଞ୍ଚଳ ବିଜେଡି କର୍ମୀ ମହଲରେ ବିପୁଳ ଉତ୍ସାହ ଉଦ୍ଦୀପନା ଦେଖାଦେଇଛି। ଆଜି ସନ୍ଧ୍ୟାରେ ଶ୍ରୀ ଜେନା ଏରସମାରେ ପହଞ୍ଚିଲାପରେ ଶହ ଶହ ବିଜେଡି କର୍ମୀ ଓ ସମର୍ଥକ ବାଣ ଫୁଟାଇ ମିଠା ଖାଇ ଖୁସି ମନାଇଛନ୍ତି। ଏହି ଅବସରରେ ଏରସମା ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ସଦସ୍ୟା ରାଣୀ ଟୁଡୁ, ପ୍ରଣବ ସ୍ୱାଇଁ, ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଜିଲ୍ଲା ବିଜେଡି ଉପ ସଭାପତି ତମିଲ ପ୍ରଧାନ, ଦୀପ୍ତି ରଞ୍ଜନ କୁଅଁର, ବିଜୟ କୁମାର ପାଲ୍, ସମୀର ରଞ୍ଜନ ସ୍ୱାଇଁ, ମାନସ ସେଠି, ବିଭୂତି ଭୂଷଣ ରାୟ, ବିଜୟ ସ୍ୱାଇଁ, ସୁରେନ୍ଦ୍ର ସାମଲ, ମାନସ ସ୍ୱାଇଁ, ଗୋପୀନାଥ ସାମନ୍ତରାୟ, ମହେନ୍ଦ୍ର ସେନାପତି ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏରସମା ପଞ୍ଚାୟତର ସମସ୍ତ ୱାର୍ଡମେମ୍ବରମାନେ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ସେ ଏରସମା ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତୀ ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ।

## ଶାରଳା ମନ୍ଦିରରେ ଘୋଡ଼ାନାଚ ପରମ୍ପରାର ଶୁଭାରମ୍ଭ



**ଜଗତସିଂହପୁର,୨୫।୪(ସମିସ):** ପବିତ୍ର ଚଇତି ପୁନେଇ ଉପଲକ୍ଷେ ମା' ଶାରଳାଙ୍କ ମନ୍ଦିରରେ ଘୋଡ଼ା ନାଚ ପରମ୍ପରାର ଶୁଭାରମ୍ଭ ହୋଇଛି। ଆଜିଠାରୁ ଦୀର୍ଘ ଏକମାସ ପର୍ଯ୍ୟନ୍ତ ଏହି ଚଇତି ଘୋଡ଼ା ନାଚ ଗାଁ ଗହଳି ଓ ପୁରପଲ୍ଲୀରେ କଳା ପରିବେଷଣ କରିବାର ପରମ୍ପରା ରହିଛି। ଚଇତି ପୁନେଇ ବାସୀ, ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା ଠାକୁରାଣୀଙ୍କ ପୀଠ ସ୍ଥଳିରେ କୈବର୍ତ୍ତ ସମ୍ପ୍ରଦାୟର ରାଉତ ରାଉତାଣୀଙ୍କ ନୃତ୍ୟ ସଙ୍ଗୀତର ତାଳେ ତାଳେ ଘୋଡ଼ା ନାଚ ପରିବେଷଣ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ଆସିଛି। ତେବେ ଆଧୁନିକତାର ପ୍ରଭାବ ଓ ପ୍ରୋତ୍ସାହନ ଅଭାବରୁ ଏହି ଅନନ୍ୟ ଲୋକନୃତ୍ୟ କଳା ବିଲୁପ୍ତ ହେବାକୁ ଯାଉଛି।

ଏପରିକି ତିନି ଦଶନ୍ଧି ପୂର୍ବରୁ ଶାରଳାଙ୍କ ପୀଠରେ ପ୍ରାୟ ୨୫/୩୦ଟି ଚଇତି ଘୋଡ଼ା ନାଚ ଦଳ, ପାରମ୍ପରିକ ବାଦ୍ୟ ଓ ବେଶ ପୋଷାକରେ ଘୋଡ଼ା ନାଚ ପରିବେଷଣ କରୁଥିଲେ। ଧିରେ ଧିରେ ଏହି ସଂଖ୍ୟା କମି ଯାଇ, ଚଳିତ ବର୍ଷ ମାତ୍ର ଆଠଗୋଟି ଚଇତି ଘୋଡ଼ା ନାଚ ଦଳଙ୍କୁ ଏଠାରେ ଦେଖିବାକୁ ମିଳିଛି। ଏଥିରେ ବିରିତୋଳ, ମୁଳିସିଂହ, ହରସିଂପୁର, ଗୋବିନ୍ଦପୁର, ସାଆଁସ ଓ ତେନ୍ତୁଳିପଦା ଆଦି ଅଞ୍ଚଳର ଘୋଡ଼ାନାଚ ଦଳ ଯୋଗଦେଇଥିଲେ। ଏହି ନୃତ୍ୟଦଳର କଳାକାର ମାନେ, କନକପୁରଗ୍ରାମ ରାସ୍ତାରେ ନାଚି ନାଚି ଆସିବା ପରେ, ମା'ଙ୍କ ନାଟ୍ୟମଣ୍ଡପ ସମ୍ମୁଖରେ ଓ ଦୋଳମଣ୍ଡପ ଉପରେ ଚଇତି ଘୋଡ଼ା ନାଚ ପରିବେଷଣ କରିଥିଲେ। ଶାରଳା ମନ୍ଦିର ପ୍ରଶାସନ ତରଫରୁ, ପ୍ରତି ଘୋଡ଼ାକୁ ଶାଢ଼ୀ ପ୍ରଦାନ କରାଯାଇଥିଲା। ତେବେ ଏହି ଲୋକ କଳା ବିଲୁପ୍ତିର ଦ୍ୱାରାଦେଶରେ ପହଞ୍ଚି ଥିବାରୁ ସ୍ଥାନୀୟ କଳା ସଂସ୍କୃତି ପ୍ରେମୀ ଜନସାଧାରଣ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ କଳା ସଂସ୍କୃତି ବିଭାଗ ଏଥିପ୍ରତି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ନକଲେ, ଏହି ପ୍ରାଚୀନ ଲୋକନୃତ୍ୟ କଳା ବିଲୁପ୍ତ ହେବ।

## ଅସହାୟ ଭାଇ ଭଉଣୀଙ୍କୁ ସହାୟତା



**ଜଗତସିଂହପୁର,୨୫।୪(ସମିସ):** କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟିର ଜଗତସିଂହପୁର ଶାଖା ପକ୍ଷରୁ ରଘୁନାଥପୁର ବ୍ଲକ ପୁରୁଣା ବସନ୍ତ ପଞ୍ଚାୟତ ଅନ୍ତର୍ଗତ ବାଲନସା ଗ୍ରାମର ବାପ-ମା' ଛେଉଣ୍ଡ ଭାଇ ଭଉଣୀଙ୍କୁ ଅର୍ଥିକ ସହାୟତା ପ୍ରଦାନ ସହିତ ମାସିକ ଗୁଜୁରାଣ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ବାଲନସାର ଗିରିଧାରୀ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ବାପିନା ମଲ୍ଲିକଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ ସନ୍ତାନ ଅନନ୍ୟା ମଲ୍ଲିକ ଓ ଓମ୍ ପ୍ରକାଶ ମଲ୍ଲିକ ଅସହାୟ ହୋଇ ପଡିଥିଲେ। ସେମାନେ ଏହି ଅବସ୍ଥାରେ ସେମାନଙ୍କ ବୃଦ୍ଧା ଆଈ ଓଷି ଦେଇଙ୍କ ନିକଟରେ ରହୁଥିବା ସମୟରେ ଗୁରୁତର ଅର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ଏ ସଂପର୍କରେ ଖବର ପାଇବାପରେ ସମିତିର ସଭାପତି ପ୍ରମୋଦ ସାହୁ ସହାୟତାର ବନ୍ଦୋବସ୍ତ ପାଇଁ ସୋସାଇଟିର ଜଗତସିଂହପୁର ଶାଖାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ପୂର୍ବାହ୍ନରେ ସଭାପତି ଶ୍ରୀ ସାହୁ ଉକ୍ତ ଦୁଇଶିଶୁଙ୍କ ନିକଟରେ ପହଁଚି ସେମାନଙ୍କ ଆଈଙ୍କ ଉପସ୍ଥିତିରେ ୧୦ ହଜାର ଟଙ୍କା ସହାୟତା ଭାବେ ପ୍ରଦାନ କରିଥିଲେ। ଏଥିସହିତ ସେମାନେ ଚଳିବାକୁ ପ୍ରତିମାସରେ ଜ୍ଞାନଦେବୀ ଗୁଜୁରାଣ ସହାୟତାରୁ ୧୦୦୦ ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଥିବା ସଭାପତି ଶ୍ରୀ ସାହୁ ପ୍ରକାଶ କରିଥିଲେ। ଏହି ସହାୟତା ପ୍ରଦାନ ସମୟରେ ସମିତିର ଜଗତସିଂହପୁର ଶାଖାର ବରିଷ୍ଠ ପରିଚାଳକ ଲକ୍ଷ୍ମଣ ସାହୁ , କର୍ମଚାରୀ କରୁଣାକର ରଥ , ଦୈନିକ ଜମା ସଂଗ୍ରହକାରୀ ଦିଲ୍ଲୀପ ରାଉତ, ରାଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟ କଲ୍ୟାଣ ସମିତି ସଦସ୍ୟ ଜିଲ୍ଲାପାଳଙ୍କୁ ଭେଟିଲେ



**ପାରାଦୀପ,୨୫।୪(ସମିସ):** ଜଗତସିଂହପୁର ଜିଲ୍ଲାପାଳ ଅନୁପମ ସାହାଙ୍କୁ ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ପାରାଦୀପର ସମସ୍ତ କାର୍ଯ୍ୟକର୍ତ୍ତା ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଏବଂ ଟ୍ରଷ୍ଟ ର ସମସ୍ତ ଜନହିତକର କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ମଧ୍ୟ ଟ୍ରଷ୍ଟର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ କର୍ମକର୍ତ୍ତାମାନଙ୍କୁ ପଚାରି ବୁଝିଥିଲେ। ଏହି ସୌଜନ୍ୟମୂଳକ ସାକ୍ଷାତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ପ୍ରୀତି ରଞ୍ଜନ ମହାପାତ୍ର, ସଭାପତି ପଞ୍ଚାନନ ବେହେରା, ଉପସଭାପତି ତ୍ରିନାଥ ଗୋଛାୟତ, ସମ୍ପାଦିକା ପ୍ରୀତିରେଖା ନାୟକ, କାର୍ଯ୍ୟକାରୀ ସମ୍ପାଦିକା ରଶ୍ମିତା ସାହୁ, ସହ ସମ୍ପାଦକ କୈଳାଶ ଗୋଛୟତ, କୋଷାଧକ୍ଷ ଯୁଧିଷ୍ଠିର ସ୍ୱାଇଁ ଓ ରାଜକିଶୋର ପଲାଉରୀ ପ୍ରମୁଖ ଉପସ୍ଥିତ ଥିଲେ।

## ତେନ୍ତୁଳିପଦାରେ ଚଇତି ପର୍ବ

**ତିର୍ତ୍ତୋଲ,୨୫।୪(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ଗ୍ରାମରେ କୈବର୍ତ୍ତ ସମ୍ପ୍ରଦାୟ ତରଫରୁ ଚଇତି ପର୍ବ ପାଳିତ ହୋଇଯାଇଛି। ନୃସିଂହ ଚରଣ ବେହେରା, ରବୀନ୍ଦ୍ର ବେହେରା, ଶ୍ରଦ୍ଧାକାନ୍ତ ବେହେରା, ରଶ୍ମିକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପର୍ବରେ ସନ୍ଧ୍ୟାରେ ବାସେଳି ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାତଃ ସମୟରେ ଘୋଡା ନାଚ ଓ ସଂଗୀତ ପରିବେଷଣ କରାଯାଇଥିଲା। ସେହିପରି ଝଙ୍କଡ ସାରଳା ପୀଠ ଠାରେ ଚଇତି ଘୋଡାନାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିରିତୋଳ, ହରିସିଂପୁର, ଗୋବିନ୍ଦପୁର, ତେନ୍ତୁଳିପଦା, ସାଆଁସ ଆଦି ଅଞ୍ଚଳର ଘୋଡାନାଚ ଦଳ ଘୋଡାନାଚ ପରିବେଷଣ କରିଥିଲେ।

■ ବନ୍ଦର ମାନୁନି ରାଜ୍ୟ ସରକାରଙ୍କ ନିଷ୍ପତ୍ତି

## ୪୦ ଡିଗ୍ରୀ ଖରାରେ ଶ୍ରମିକ ଆଉଟୁପାଉଟୁ

**ପାରାଦୀପ,୨୫।୪(ସମିସ):** ରାଜ୍ୟରେ ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବଢି ଚାଲିଛି। ସବୁଠି ପାରଦ ୪୦ ଡିଗ୍ରୀ ଡେଇଁଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶ୍ରମିକମାନେ ଦିନ ୧୧ରୁ ୩ ଟା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରିପାରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ହେଲେ ପାରାଦୀପ ବନ୍ଦରାଞ୍ଚଳରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ବନ୍ଦର ନିଷିଦ୍ଧାଞ୍ଚଳ ଓ ବନ୍ଦର ସହରରେ ଚାଲିଥିବା କନ୍‌ଷ୍ଟ୍ରକ୍‌ସନ କାର୍ଯ୍ୟରେ ଶ୍ରମିକମାନେ କାମ କରୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ନେଇ ସାରା ରାଜ୍ୟବାସୀ ତ୍ରାହି ତ୍ରାହି ଡାକୁଥିବା ବେଳେ ଶ୍ରମିକମାନଙ୍କ ପାଇଁ ଏହି ନିୟମକୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଖୋଲା ଖୋଲି ଉଲଂଘନ କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବନ୍ଦର କର୍ତ୍ତୃପକ୍ଷଙ୍କୁ ପଚାରିବାରେ ସେ କୁହନ୍ତି ଯେହେତୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆମକୁ କୌଣସି ନିର୍ଦ୍ଦେଶନାମା ଆସିନାହିଁ, ତେଣୁ ଆମେ ବନ୍ଦ କରି ନାହୁଁ। ନିର୍ଦ୍ଦେଶ ଆସିଲେ ନିଶ୍ଚୟ ବନ୍ଦ କରିବୁ।

■ ବାଇକ୍ ଆରୋହୀଙ୍କୁ ଗଳାକାଟି ହତ୍ୟା ଘଟଣା

## ଅଭିଯୁକ୍ତକୁ ଅଜୀବନ କାରାଦଣ୍ଡ

**କୁଜଙ୍ଗ,୨୫।୪(ସମିସ):** ୨୦୧୬ ଜୁଲାଇ ୮ ତାରିଖ ଦିନ କୁଜଙ୍ଗଥାନା ଅନ୍ତର୍ଗତ ସାହାଡା ଗ୍ରାମର ରାଜୀବ ଚରଣ ସ୍ୱାଇଁଙ୍କ ମଧ୍ୟମ ପୁତ୍ର ଗଣେଶ୍ୱର ସ୍ୱାଇଁଙ୍କୁ ବାଲିଆ ଛକ ନିକଟରେ ତାଙ୍କ ବାଇକ୍ ପଛରେ ବସିଥିବା ଜଣେ ଯୁବକ ଧାରୁଆ ଅସ୍ତ୍ର(ଟାଖୁ)ରେ ତାର ଗଳାକୁ କାଟିଦେଇଥିଲା। ଖବର ପାଇ ପରିବାର ଲୋକେ ଘଟଣା ସ୍ଥଳରେ ପହଁଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି କୁଜଙ୍ଗ ଡାକ୍ତରଖାନା ଆଣିଥିଲେ। ରକ୍ତସ୍ରାବ ବନ୍ଦ ନହେବା ଓ ଗଣେଷର ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର କଟକ ପଠାଇ ଦେଇଥିଲେ। ଗଣେଶ୍ୱର କଟକରେ ପହଁଚିବା ବେଳକୁ ପ୍ରବଳ ରକ୍ତସ୍ରାବ ହୋଇ ଯାଇଥିବାରୁ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।। ଏନେଇ ଗଣେଷର ବାପା ରାଜୀବ ଜୁଲାଇ ୯ ତାରିଖ ଦିନ କୁଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏହି ବହୁ ଚର୍ଚ୍ଚିତ ହତ୍ୟା ଘଟଣାର ରାୟ କୁଜଙ୍ଗ ଅତରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ପ୍ରକାଶ ପାଇଛି। ହତ୍ୟାକାରୀ କୁଜଙ୍ଗ ଥାନା ଅନ୍ତର୍ଗତ ଅରଖିଆ ଗ୍ରାମର ସଚିକାନ୍ତ ଦଳାଇ ଓରଫ କାଳିଆକୁ ଆଜୀବନ କାରଦଣ୍ଡ ସହ ସହ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅତିରିକ୍ତ ୧ବର୍ଷ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ଅଛି।

## ଅଗ୍ନିକାଣ୍ଡରେ ଜଳିଗଲା ଦୁଇ ବଖରା

**ଜଗତସିଂହପୁର,୨୫।୪(ସମିସ):** ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁରୋହିତପୁର ଗ୍ରାମରେ ଅଗ୍ନିକାଣ୍ଡ ନିଧି ଭୋଇଙ୍କ ୨ ବଖରା ଚାଳଛପର ଘର ପୋଡି ଯାଇଛି। କୌଣସି କାରଣରୁ ଘରେ ନିଆଁ ଲାଗି ବ୍ୟାପି ଯାଇଥିଲା। ଲୋକମାନେ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ଗାଡି ଘଟଣା ପହଞ୍ଚି ନିଆଁକୁ ଆୟତ କରିଥିଲା। ମାତ୍ର ଘରର ସମସ୍ତ ସାମଗ୍ରୀ ଜଳିସାରିଥିଲା।

## ଗୀତିକବି ପରମାନନ୍ଦ ମିଶ୍ରଙ୍କୁ 'ବ୍ୟାସ ପ୍ରତିଭା ସମ୍ମାନ'



**ତିର୍ତ୍ତୋଲ,୨୫।୪(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନାଉସୀରା ଗ୍ରାମର ଗୀତିକବି ସାହିତ୍ୟ ରତ୍ନ ପରମାନନ୍ଦ ମିଶ୍ରଙ୍କୁ ଏରସମା ପଞ୍ଚପଲ୍ଲୀସ୍ଥିତ ଶ୍ରୀ ଗ୍ରାମେଶ୍ୱର ମହାଦେବ ମନ୍ଦିର ପରିସରରେ ବ୍ୟାସ ଫାଉଣ୍ଡେସନର ଚତୁର୍ଥ ତ୍ରୈମାସିକ ଉତ୍ସବ ଅବସରରେ 'ବ୍ୟାସ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଅତିଥି ରାଧାଗୋବିନ୍ଦ ସେବାଶ୍ରମ ପଟିଆର ମଠାଧିଶ ବାବାଜୀ ବିଭୂତି ଦାସ, ପ୍ରଫେସର ଡ. ଅର୍ପିତା ପ୍ରିୟଦର୍ଶିନୀ, ଶିକ୍ଷାବିତ୍ ସରୋଜିନୀ ରଥ, ପଣ୍ଡିତ ହୃଷୀକେଶ ସାହୁ, ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ସଭାପତି ଡ. ସିଦ୍ଧେଶ୍ୱର ପଣ୍ଡା, ଉପସଭାପତି ପ୍ରଦୀପ ରଥ, ନଗେନ୍ଦ୍ରନାଥ ସ୍ୱାଇଁ, ଡ. ସୁନାକର ବେହେରା ପ୍ରମୁଖ ଉପସ୍ଥିତ ରହି କବି ଶ୍ରୀ ମିଶ୍ରଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ।

### ପୁଣି ମାଟିମାଫିଆ ସକ୍ରିୟ

# ଜେସିବି ଲଗାଇ ତାଡ଼ି ନେଉଛନ୍ତି ଟ୍ରିପ୍ ଟ୍ରିପ୍ ମାଟି



**ପାରାଦୀପ, ୨୫।୪ (ସମିସ):** ବାଲି ପରେ ମାଟି ଉପରେ ନଜର ପକାଇଛନ୍ତି ଲୁଟେରା। ଦିନରାତି ପୁଲିସ ଓ ପ୍ରଶାସନ ଆଖିରେ ଧୂଳିଦେଇ ଟ୍ରିପ ଟ୍ରିପ ମାଟି ଉଠାଇ ନେଉଛନ୍ତି। ବିଶେଷକରି ବିଳମ୍ବିତ ରାତିରେ ଏଭଳି ଲୁଟ୍ ହେଉଥିବା ଅଭିଯୋଗ ହେଉଛି। ପାରାଦୀପ ଲକ୍ ଥାନା ଅଞ୍ଚଳରେ ଥିବା କେତେକ ଗ୍ରାମରୁ ଦିନରାତି ବେଧଡକ ଭାବେ ମାଟି ଉଠୁଛି। ଘରୋଇ ଜାଗା ସମେତ ସରକାରୀ ଜାଗାକୁ ଖୋଳି ମାଟି ଲୁଟ କରିବାକୁ ପଛାଉନାହାନ୍ତି। ବିପୁଳ ପରିମାଣର ମାଟି ଲୁଟ ହେଉଥିବା ଜଣାପଡିଛି। ତେବେ ବିନା ଅନୁମତିରେ କିଛି ସ୍ଥାନୀୟ ଲୋକ ସେଠାରୁ ଟ୍ରିପ ଟ୍ରିପ ମାଟି ଚୋରି କରି ନେଉଥିବାବେଳେ ଏହାକୁ ବିକି ବେଶ ମୋଟା ଅଙ୍କର ରୋଜଗାର କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ନିର୍ଦ୍ଦିଷ୍ଟ କିଛି ଯୁବକ ପୁଲିସ ଓ ପ୍ରଶାସନକୁ ମାସିକିଆ ବଟି ଦେଇ ମାଟି ଚୋରି କରି ମାଲେମାଲ ହେଉଥିବା ଶୁଣିବାକୁ ମିଳୁଛି। ମାଟି ଚୋରି ମାମଲାରେ ଅଭିଯୋଗ ହେଲା ପରେ କେତେଜଣ ଜେଲ୍ ଯିବା ପରେ ପୁନର୍ବାର ଆସି ସେହି କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ସେମାନଙ୍କ ବ୍ୟବହୃତ ସାମଗ୍ରୀ ସହ ଗାଡ଼ି ମଧ୍ୟ ଜବତ ହେଉଛି। ଜରିମାନା ଦେବା ପରେ ପୁଣି ନିୟୋଜିତ ହେଉଛନ୍ତି। ନୂଆଗଡ଼, ପାରାଦୀପଗଡ଼, ନିମିଡ଼ିହ, ଚୂନ, କତକୁଲା ଓ ଭୂତମୁଣ୍ଡାଇ ଆଦି ଗ୍ରାମର ଯୁବକ ଏହି ମାଟି ଲୁଟ ଘଟଣାରେ ସାମିଲ ଥିବା କଥା ସାମ୍ନାକୁ ଆସୁଛି। କତକୁଲା ଗହୀରରୁ କିଛି ଯୁବକ ଏଭଳି ମାଟି ଉଠାଉଥିବା ଜଣାପଡିଛି। ସ୍ଥାନୀୟ ତହସିଲ ଓ କିଛି ପୁଲିସ କର୍ମଚାରୀଙ୍କ ଅବଗତ ଥାଇ ମାଟି ଉଠୁଥିବା ଅଭିଯୋଗ ଉଠିଛି। ତେବେ ମାଟି ଚୋରିରେ ଗତ କିଛି ମାସ ଧରି ଲଗାମ ଲାଗିଥିଲେ ବି ଏବେ ପୁଣି ମାଟି ଚୋର ସକ୍ରିୟ ହୋଇ ଉଠିଛନ୍ତି। ଏପରିକି ସରକାରୀ ପ୍ରକଳ୍ପ ନାଁରେ ମାଟିକୁ ନେଇ ଅନ୍ୟତ୍ର ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଫଳରେ ସ୍ଥାନୀୟ ଚାଷ ଜମି ଉପରେ ପ୍ରଭାବ ପକାଉଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି। ଜମି ଖାଲ ହେବା ଦ୍ୱାରା ଚାଷ ହେବା ବଦଳରେ ପାଣି ଭର୍ତ୍ତି ହୋଇ ଗଡ଼ିଆ ସୃଷ୍ଟି ହେବା ସହିତ ଚାଷ ପାଇଁ ଅନୁପଯୋଗୀ ହୋଇ ପଡୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ୩୦ ବୋତଲ ମଦ ଜବତ; ଜଣେ ଗିରଫ

**ଗୋବିନ୍ଦପୁର,୨୫।୪(ସମିସ):** ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଫାଣ୍ଡି ଅଧିନସ୍ଥ ଗୋବିନ୍ଦପୁର ସେତୁ ନିକଟରେ ଏରଡ଼ଙ୍ଗ ପଞ୍ଚାୟତ କୁସୁମୀ ଗ୍ରାମର ଚୋରା ମଦ ବ୍ୟବସାୟୀ ରାଜେଶ ଦାସ ଚୋରାମଦ ବିଂଝାରପୁର ଥାନା ଅନ୍ତର୍ଗତ ସିଂହପୁର କାଉଟରରୁ ମଦ ନେଇ ଯାଉଥିବା ପୁଲିସ ଖବର ପାଇଁ ମାଡି ବସିଥିଲା। ରାଜେଶ ବାଇକରୁ ୩୦ବୋତଲ ଚୋରା ମଦ ଜବତ କରିବା ସହିତ ତାକୁ ଗିରଫ କରି ଆଳି ଥାନାକୁ ପଠାଇଛି। ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ନାରାୟଣ ସାହୁ ଓ ସହଯୋଗୀ ମାନେ ଏହି ମଦ ଧରିଥିଲେ।

## ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ




**ଗରଦପୁର,୨୫।୪(ସମିସ):** ଗରଦପୁର ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ଆନୁକୂଲ୍ୟରେ ଏକ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଆୟୋଜିତ ଏକ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ କବିତା ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପ୍ରକୃତିବନ୍ଧୁ ଦ୍ୱାରିକା ନାଥ ସେନାପତି ଶକ୍ତିର ସଦୁପଯୋଗ ଓ ବୃକ୍ଷ ରୋପଣର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଧାରଣା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ଅଜିତ କୁମାର ପଣ୍ଡା ଶକ୍ତିର ବିଭିନ୍ନ ଉତ୍ସ ଓ ଆବଶ୍ୟକତା ଅନୁସାରେ ବ୍ୟବହାର ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ମଧୁସ୍ମିତା ଦାସ, ବିଜୟ କୁମାର ନାୟକ, ରାଜେଶ କୁମାର ମହାନ୍ତି (ଶିକ୍ଷକ), ସତ୍ୟରଞ୍ଜନ ପରିଡା, ସ୍ମୃତିକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ।

● ଲୁଣାନଦୀ ସଂଯୋଗୀକରଣ ରାସ୍ତା

## ପ୍ରକଳ୍ପ ସ୍ଥଳ ସଫେଇ ନାମରେ ୪୦୦ରୁ ଊର୍ଦ୍ଧ୍ୱ ଟ୍ରିପ୍ ମାଟି ଚାଲୁ



**ଡେରାବିଶ,୨୫।୪(ସମିସ):** ବହୁ ପ୍ରତିକ୍ଷିତ ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀର ଦାନପୁର ସେତୁକୁ ସଂଯୋଗୀକରଣ ରାସ୍ତା ନିର୍ମାଣ କାର୍ଯ୍ୟର ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ଦାନପୁର ସେତୁ ନିର୍ମାଣର ୧୧ ବର୍ଷ ପରେ ଚଳିତ ବର୍ଷ ଜାନୁୟାରୀ ମାସରେ ଏହି ସଂଯୋଗକରଣ ରାସ୍ତା ନିର୍ମାଣ ନିମନ୍ତେ ଅଧିଗ୍ରହଣ ହୋଇଥିବା ଜମିରୁ ଲୋକମାନଙ୍କୁ ବିସ୍ଥାପିତ କରାଯାଇଥିଲା। ଏହି କାର୍ଯ୍ୟ ଚଳିତ ବର୍ଷ ଜୁନ୍ ମାସ ମଧ୍ୟରେ ଶେଷ ହେବ ବୋଲି ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଇତିମଧ୍ୟରେ ଏହି କାର୍ଯ୍ୟକୁ ୪ ମାସ ପୁରି ଯାଇଥିବା ବେଳେ ସଂଯୋଗୀକରଣ ରାସ୍ତା ନିର୍ମାଣ ଆରମ୍ଭ ହେଉନାହିଁ। ଶୁଣିବାକୁ ମିଳୁଛି ଅଦ୍ୟାବଧି ଏହି ନିର୍ମାଣ କାର୍ଯ୍ୟର ଡ୍ରଇଂ ପ୍ରସ୍ତୁତ ହୋଇପାରିନାହିଁ। ଅପରପକ୍ଷରେ ଡ୍ରଇଁ ଯେମିତି ବି ହେଉ ଏହି କାର୍ଯ୍ୟ ପାଇଁ ସେଠାରେ ଢ଼େର ପରିମାଣର ମାଟିର ଆବଶ୍ୟକତା ରହିଛି। କିନ୍ତୁ ଏବେ ସେହି ସ୍ଥାନକୁ ସଫେଇ ନାଁରେ ଠିକାଦାର ଜଣକ ୪୦୦ରୁ ଉଦ୍ଧ୍ୱର୍ ଟ୍ରକ ମାଟି ଅନ୍ୟତ୍ର ଉଠାଇ ନେଇଛି। ଯାହା ଫଳରେ ଏହି ସଂଯୋଗୀକରଣ ରାସ୍ତା ହେବାର ଆଶା କ୍ରମେ ମିଳେଇ ଯାଉଥିବା ବେଳେ କେନାଲ୍ ଉପରେ ହୋଇଥିବା ସେତୁ ପ୍ରତି ବିପଦ ଦେଖାଦେଇଛି। ଠିକାଦାର ଜଣକ ଏହି ସେତୁର ମୂଳରୁ ମାଟି ଉଠେଇ ନେଇ ଯାଇଥିବା ବେଳେ ସେତୁର ସ୍ଥାୟିତ୍ୱ ପ୍ରତି ଆଶଙ୍କା ଦେଖାଦେଇଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ପାରାଦୀପରେ ଜଳ ସଂକଟ

# ପାଣି ଶୋଷୁଛନ୍ତି ଚୋରା ବ୍ୟବସାୟୀ, ଲୋକେ କଳବଳ






**ପାରାଦୀପ,୨୫।୪(ସମିସ):** ପାରାଦୀପ ଅଞ୍ଚଳରେ ଏବେ ଜଳ ସଂକଟ ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଜଳ ଶୋଷୁଛନ୍ତି ଦଲାଲ, ମାତ୍ର କଳକଳ ହେଉଛନ୍ତି ସାଧାରଣ ଜନତା। ଭୂତଳ ଜଳ ସହିତ ତାଳଦଣ୍ଡା କେନାଲ ଜଳକୁ ମଧ୍ୟ ଲୁଟ୍ କରାଯାଉଛି। ଏଥିସହ ବହୁଳ ଭାବରେ ଭୂତଳ ଜଳକୁ ଚୋରି କରି ବଟଲିଙ୍ଗ କରାଯିବା ସହ ବଜାରରେ ବିକ୍ରି କରାଯାଉଛି। ପୁଣି ପାଣି ମାଫିଆମାନେ ଟ୍ରାକ୍ଟର ଓ ମିନି ଟ୍ରକ ଲଗାଇ ହଜାର ହଜାର ଲିଟର ପାଣି ଲୁଟ କରି ସହର ଓ ଶିଳ୍ପସଂସ୍ଥା ମାନଙ୍କରେ ବିକ୍ରି କରୁଛନ୍ତି। ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ପାଖରେ କୌଣସି ଖବର ନାହିଁ। କେଉଁ କେଉଁ ସ୍ଥାନରୁ ପାଣି ଉତ୍ତୋଳନ କରାଯାଉଛି, ସେଠାରେ କାହା ନିର୍ଦ୍ଦେଶରେ ଉଠୁଛି, ଏ ପାଣି ଉଠାଯିବା ପରେ କେଉଁ ସ୍ଥାନକୁ ବ୍ୟବହାର ପାଇଁ ଯାଉଛି। ପାଣିର ମାନ ଓ ଗୁଣବତ୍ତା କିପରି ରହିଛି। ଏହିସବୁ ତଥ୍ୟ ଏବେ ଅସ୍ପଷ୍ଟ। ବଜାରରେ ଯେଉଁ ୪୦ ଲିଟର ଜାର ପାଣି ମିଳୁଛି ତାହା ଏବେ ପ୍ରାୟ ପାରାଦୀପ ଅଞ୍ଚଳରୁ ଉତ୍ତୋଳନ କରାଯାଉଥିବା ଜଣାପଡିଛି। ସେଗୁଡିକୁ ବିନା ପରୀକ୍ଷା ନିରୀକ୍ଷାରେ ବା ଯାଞ୍ଚ କରାନଯାଇ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଛି। ଏହି ପାଣି ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ବିଗିଡିବା ସହ ଜଳ ଦ୍ୱାରା ଆହୁତ ରୋଗ ମଧ୍ୟ ମାଡି ବସିବା ନେଇ ଆଶଙ୍କା କରାଯାଉଛି। ପାରାଦୀପ ଷଣ୍ଢକୁଦ, ଅଠରବାଙ୍କୀ ବିଜୟଚାନ୍ଦପୁର ଓ ପାଖ ଆଖ କେତେକ ଗାଁ ମାନଙ୍କରେ ମଧ୍ୟ ବିନା ଅନୁମତିରେ ଏଭଳି ପାଣି ଉତ୍ତୋଳନ କରାଯାଉଥିବା ଜଣାପଡିଛି। ସେହିପରି ତାଳଦଣ୍ଡା କେନାଲର ପାଣି କେବଳ ପୋର୍ଟ ବ୍ୟବହାର କରିବାକୁ ଆସୁଥିବା ବେଳେ କେତେକ ଦଲାଲ ଏହି ପାଣିକୁ ଚୋରି କରି ଶିଳ୍ପସଂସ୍ଥାମାନଙ୍କରେ ମଧ୍ୟ ବିକ୍ରି କରି ଲାଭବାନ ହେଉଛନ୍ତି। କିଛି ମୁନଫାଖୋର ବ୍ୟକ୍ତି ପମ୍ପ ସେଟ ଲଗାଇ ପାଣି ଉତ୍ତୋଳନ କରି ବିକ୍ରି କରୁଛନ୍ତି। ନିୟମିତ ଏହି ତାଳଦଣ୍ଡା କେନାଲର ପାଣି ଚୋରି ହେଉଥିବା ଅଭିଯୋଗ ହେଉଛି। ଗତ ସପ୍ତାହରେ ଇଫ୍‌କୋ ନାଳବନ୍ଧ ରାସ୍ତାରେ ଏକ ପାଣି ଟ୍ୟାଙ୍କର ପାଣି କେନାଲରୁ ନେଉଥିବା ବେଳେ ଖବର ପାଇ ଗଣମାଧ୍ୟମ ସେଠାରେ ପହଁଚିଲାବେଳକୁ ଉକ୍ତ ଟ୍ୟାଙ୍କର ସେ ସ୍ଥାନଛାଡି ଚାଲି ଯାଇଥିଲା। ଏଭଳି ପାଣି ଚୋରି ହେବାଦ୍ୱାରା ସରକାର ରାଜସ୍ୱ ହରାଉଛନ୍ତି। ହେଲେ ଏଥିପ୍ରତି କାହାର ନିଘା ନାହିଁ। ଫଳରେ ପ୍ରଚଣ୍ଡ ରୌଦ୍ରତାପରେ ଜଳ ସଙ୍କଟ ଉଦ୍‌ବେଗଜନକ ସ୍ଥିତିରେ ପହଁଚିଛି। ଏଥିସହ ଭୂତଳ ଜଳସ୍ତର ମଧ୍ୟ କମିବାରେ ଲାଗିଛି। ମାତ୍ର ଏନେଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯଦି ପାଣି ଚୋରିକୁ ରୋକା ନ ଯାଏ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସୂଚନା ଯୋଗ୍ୟ ପାରାଦୀପ ବନ୍ଦର ପ୍ରତିଷ୍ଠା ହେବା ଦିନଠାରୁ ଏ ପର୍ଯ୍ୟନ୍ତ ବନ୍ଦର ପକ୍ଷରୁ ଟୋପେ ସ୍ୱଚ୍ଛ ପାନୀୟ ଜଳର ସୁ-ବନ୍ଦୋବସ୍ତ କରାଯାଇ ପାରିଲାନାହିଁ। ଏବେବି ତାଳଦଣ୍ଡା କେନାଲର ନର୍ଦ୍ଦମା ପାଣିକୁ ପାରାଦୀପବାସୀ ପିଉଛନ୍ତି। ଏହାର କୌଣସି ସ୍ଥାୟୀ ସମାଧାନ କରା ନ ଗଲେ ଏଭଳି ପାଣି ଚୋରି ଲାଗି ରହିବ। ରାଜ୍ୟ ସରକାର କୁଜଙ୍ଗ ଚୌଧୁରୀଗଡାଠାରେ ଏକ ବ୍ୟାରେଜ ନିର୍ମାଣ କରିବାକୁ ଗତବର୍ଷ ଘୋଷଣା କରିଛନ୍ତି। ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଜଳ ସମସ୍ୟା ପାରାଦୀପ ଅଞ୍ଚଳରୁ ଦୂର ହେବାନେଇ ଆଶା କରାଯାଉଛି।

■ ଲୁଟାଛପାରେ ଶିଳ୍ପ ଓ କଳକାରଖାନାକୁ ଯୋଗାଉଛନ୍ତି
■ ବିଭିନ୍ନ ସ୍ଥାନରେ ବଟଲିଙ୍ଗ ହୋଇ ବିକ୍ରି ହେଉଛି

## ''ସୁଗମ ନିର୍ବାଚନ ଓ ଭିନ୍ନକ୍ଷମଙ୍କ ଗଣତାନ୍ତ୍ରିକ ଅନ୍ତର୍ଭୁକ୍ତି' ସଚେତନତା ସଭା




**କେନ୍ଦ୍ରାପଡା,୨୫।୪(ସମିସ):** ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟରତ କେନ୍ଦ୍ରାପଡାର ସ୍ୱେଚ୍ଛାସେବୀ ସଂଗଠନ ପୁନର୍ବାସ ତରଫରୁ ମାଧପୁରସ୍ଥିତ କାର୍ଯ୍ୟାଳୟ ସଭାଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପ୍ରସଙ୍ଗ ''ସୁଗମ ନିର୍ବାଚନ ଓ ଭିନ୍ନକ୍ଷମଙ୍କ ଗଣତାନ୍ତ୍ରିକ ଅନ୍ତର୍ଭୁକ୍ତି' ସମ୍ପର୍କିତ ଏକ ସଚେତନଧର୍ମୀ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ତଥା ବିଶିଷ୍ଟ କଥାକାର ଡକ୍ଟର ବିରଜା ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବର୍ଷିଆନ୍ ସାହିତ୍ୟିକ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ମୁଖ୍ୟବକ୍ତା ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ସାମାଜିକ ଅଧିକାରିଣୀ ରୂପାଲି ପ୍ରିୟଦର୍ଶିନୀ ନାୟକ, ପୂର୍ବତନ ସ୍ୱଚ୍ଛ ସଞ୍ଜୟ ଅଧିକାରୀ, ବରିଷ୍ଠ କବି କରୁଣାକର ଦାସ ପ୍ରମୁଖ ଯୋଗଦେଇ ଚଳିତ ନିର୍ବାଚନକୁ ଦୃଷ୍ଟିରେ ରଖି ସୁଗମ ନିର୍ବାଚନ ନିମନ୍ତେ ଭିନ୍ନକ୍ଷମଙ୍କୁ ବାଧକ ବିହୀନ ପରିବେଶ ପାଇଁ ସରକାର କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା ସୁଗମ ଖସଡା, ବ୍ରେଲ୍ ବ୍ୟାଲଟ, ସ୍ୱେଚ୍ଛାସେବୀ ନିଯୁକ୍ତି, ବାହାନ ବ୍ୟବସ୍ଥା, ସାମ ଆପ୍‌ର ଉପଯୋଗିତା ଓ ୧୨ 'ଡି' ଫର୍ମ ଯୋଗେ ନିର୍ବାଚନ ପୂର୍ବଦିନ ଘରେ ଭ୍ରାମ୍ୟମାଣ କେନ୍ଦ୍ର କରି ପୋଷ୍ଟାଲ ବାଲାଟ ମାଧ୍ୟମରେ ଭୋଟ ଗ୍ରହଣ ଆଦି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ମତଦାନ ସମୟରେ ଭିନ୍ନକ୍ଷମମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ବାଧା ଓ ସମସ୍ୟା ସମ୍ପର୍କରେ ଉପସ୍ଥିତ ବିଭିନ୍ନ ବର୍ଗର ଭିନ୍ନକ୍ଷମ ବ୍ୟକ୍ତି, ଅଭିଭାବକ, ଏହି ଦିଗରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂସ୍ଥା, ସ୍ୱତନ୍ତ୍ର ବିଦ୍ୟାଳୟ ପ୍ରତିନିଧିମାନେ ନିଜ ନିଜର ମତ ରଖିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ କୁମାର ଦାସ ବ୍ୟାପକ ସଚେତନତାକୁ ଗୁରୁତ୍ୱ ଦେଇଥିବା ବେଳେ ଚଳନ ଶକ୍ତି ବାଧକ ସରକାରୀ ଶିକ୍ଷକ ମନ ରଞ୍ଜନ ତ୍ରିପାଠୀ, ଭିନ୍ନକ୍ଷମ କର୍ମଚାରୀମାନଙ୍କୁ ନିର୍ବାଚନ କାର୍ଯ୍ୟଦେବା ସମୟରେ ତାଙ୍କର ଆବଶ୍ୟକତାକୁ ଦୃଷ୍ଟି ଦେବା ଓ ଲୋକସଭା, ବିଧାନସଭାରେ ଆସନ ସଂରକ୍ଷଣ, ଦୃଷ୍ଟିବାଧିତ ଶିକ୍ଷକ ଅରୁଣ କୁମାର ବେହେରା ବ୍ରେଲ୍ ସିଷ୍ଟମରେ ସରଳୀକରଣ, ଚଳନଶକ୍ତି ବାଧକ ପାରା କ୍ରୀଡାବିତ୍ ପ୍ରଶାନ୍ତ କୁମାର ନାୟକ ରାମ୍ପର ସଠିକ୍ ନିର୍ମାଣ, ନେହରୁ ଯୁବକେନ୍ଦ୍ରର ଜିଲ୍ଲା ସଂଯୋଜକ ଦୃଷ୍ଟିବାଧିତ ଜୋଲି ତିରୁପତି ରେଡ୍ଡୀ ସବୁ ଦୃଷ୍ଟିବାଧିତ ଲୋକ ବ୍ରେଲ୍ ଶିଖି ନଥିବାରୁ ସେମାନଙ୍କ ପାଇଁ ରିଡର ବ୍ୟବସ୍ଥା, ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ନିରଞ୍ଜନ ମଙ୍ଗରାଜ, ପ୍ରାକ୍ତନ ରେଡକ୍ରସ ପ୍ରତିନିଧି ବ୍ରଜ ସୁନ୍ଦର୍ ଦାସ, ସହ ସମ୍ପାଦକ ବଂଶୀଧର ମହାନ୍ତି, କ୍ଷୀରୋଦ କର, ଅମ୍ରିନ ସାହଦତ ପ୍ରମୁଖ ଯୋଜନାର ସଠିକ କାର୍ଯ୍ୟକାରିତା, ସତ ପ୍ରତିଶତ ମତଦାନ, ଭିନ୍ନକ୍ଷମ ସହାୟତା କେନ୍ଦ୍ର ଆଦି ବିଷୟରେ ଆଲୋଚନା କରିଥିଲେ। ପୁନର୍ବାସ ପକ୍ଷରୁ ସଂଜୀବ କୁମାର ଜେନା, ଜ୍ୟୋତିରଞ୍ଜନ ନାୟକ, ମନୋଜ କୁମାର ମହାନ୍ତି , ଶେଷଦେବ ଦାସ, ମିହିର ରଂଜନ ବାରିକ, ରଂଜନ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଶ୍ରୀରାମଙ୍କ ଦାଣ୍ଡ ଶୋଭାଯାତ୍ରା

**ଡେରାବିଶ,୨୫।୪(ସମିସ):** ଡେରାବିଶ ବ୍ଲକକ ଚାନ୍ଦୋଳ ଅଞ୍ଚଳର ବିଭିନ୍ନ ସ୍ଥାରେ ଆନୁଷ୍ଠିତ ହେଉଥିବା ଶ୍ରୀରାମଗାଥା ଅଭିନୟ ଅବସରରେ ପବିତ୍ର ଚୈତ୍ରପୂର୍ଣ୍ଣିମାରେ ପ୍ରଭୁ ଶ୍ରୀରାମଙ୍କ ଦାଣ୍ଡ ଶୋଭାଯାତ୍ରା ଆୟୋଜନ ହୋଇଯାଇଛି। ମୁକୁନ୍ଦପୁର ପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ରଘୁନାଥଜୀଉ କୃପା ପରିଷଦ ତରଫରୁ ଆୟୋଜିତ ଦାଣ୍ଡ ଶୋଭାଯାତ୍ରାରେ ମୁକୁନ୍ଦପୁର ଶ୍ରୀରାମ ମନ୍ଦିରରୁ ବିମାନରେ ଭାଇ ଲକ୍ଷ୍ମଣ ପତ୍ନୀ ସୀତାଙ୍କ ସହ ଚାନ୍ଦୋଳ ସ୍ଥିତ ମା' ଜାଗୁଲାଇଙ୍କ ପୀଠକୁ ଆସିଥଲେ। ତାଙ୍କ ସହିତ ରାମଗାଥାରେ ଅଭିନୟ କରୁଥିବା ରାମ, ଲକ୍ଷ୍ମଣ, ସୀତା, ରାବଣ ରଥାରୁଢ଼ ହୋଇ ବଡ଼ ପଟୁଆରରେ ଆସିଥିଲେ। ସେଠାରେ ଉଜାଗରରେ ଥିବା ମା' ବୁଢ଼ୀଜାଗୁଲାଇଙ୍କ ସହିତ ଏକତ୍ର ଭୋଗଲାଗି କରାଯାଇଥିଲା ଏବଂ ଶେଷରେ ମା' କାଳୀଙ୍କ ନୃତ୍ୟ ସହ ରାମଗାଥାର ହନୁମାନଙ୍କ ନାଗଫାଶ ଦୃଶ୍ୟ ଅଭିନୀତ ହୋଇଥିଲା। ସେହିପରି ଦାନପୁର ପଞ୍ଚାୟତର କେଶରପୁରସ୍ଥିତ ରାମମନ୍ଦିରରୁ ଚାନ୍ଦୋଳ ସ୍ଥିତ ଖରିଦାସାହି ମା' ଦୁର୍ଗାଙ୍କ ମନ୍ଦିରକୁ, ନରସିଂହପୁରର ଶ୍ରୀରାମ ମନ୍ଦିରରୁ ଚାନ୍ଦୋଳ କଲେଜଛକ ସ୍ଥିତ ହନୁମାନ ମନ୍ଦିରକୁ ଓ ଯଅଁରାବାରିମୂଳ ଅନ୍ତର୍ଗତ ଅର୍ଖାମୂଳ ସ୍ଥିତ ଶ୍ରୀରାମ ମନ୍ଦିରରୁ ପାଣିଓଳା ସ୍ଥିତ ଶ୍ରୀରାମ ମନ୍ଦିରକୁ ଆସିଥିଲେ। ଗତକାଲି ରାତିରେ ଏହି ଅଞ୍ଚଳରେ ବାଜା ବାଣ ରୋଷଣୀରେ ପ୍ରକମ୍ପିତ ହୋଇଥିଲା। ଏହାକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ଆଭ୍ୟନ୍ତରୀଣ ପୁନଃମୂଲ୍ୟାୟନ ଟିମ୍‌ର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ






**ମହାକାଳପଡ଼ା/ମାର୍ଶାଘାଇ,୨୫।୪ (ସମିସ):** ମହାକାଳପଡ଼ା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ବିଭିନ୍ନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ଆଭ୍ୟନ୍ତରୀଣ ତଥ୍ୟକୁ ମେଳ କରିବାକୁ ବାଲେଶ୍ୱରର ଏକ ସ୍ୱତନ୍ତ୍ର ଟିମ ଗୁରୁବାର ମହାକାଳପଡା ପରିଦର୍ଶନ କରିଥିଲା। ବାଲେଶ୍ୱର ଡିଏମ୍ଆର୍‌ସିଏଚ୍ ଏଲିନା ସାମଲଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ମହାକାଳପଡାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

ଏହି ଟିମ୍‌ରେ ଥିବା ବାଲେଶ୍ୱର ଯୁଡ଼ିଏମ୍ ରାଜକିଶୋର ଘୋଷ, ନୀଳଗିରି ବିଡ଼ିଏମ୍ ଅଭିଷେକ ବିଶ୍ୱାଳ, ଡିଇଓ ନିହାର ରଞ୍ଜନ ସାହୁ ପ୍ରମୁଖ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ରାଜଗଡ଼, ଦେଉଳପଡ଼ା ଏବଂ ବାବର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିଦର୍ଶନ କରି ରେକର୍ଡପତ୍ର ଦେଖିବା ସହିତ ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ସୂଚନା ତଥ୍ୟକୁ ମେଳ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ଦିଆଯାଉଥିବା ତଥ୍ୟ ଓ ସୂଚନାର ସ୍ୱଚ୍ଛତା ରକ୍ଷା ଏବଂ ମେଳ କରିବା ସହିତ ରେକର୍ଡ ଯାଞ୍ଚ କରିବାକୁ ବାଲେଶ୍ୱର ଜିଲ୍ଲାରୁ ଏହି ସ୍ୱତନ୍ତ୍ର ଟିମ୍ ପରିଦର୍ଶନରେ ଆସିଥିବା ଜଣାପଡିଛି। କେନ୍ଦ୍ରାପଡ଼ା ଡିଡିଏମ୍ ଅଶୋକ କୁମାର ସାହୁ ଉକ୍ତ ଟିମ୍‌କୁ କୋ-ଅର୍ଡିନେଟ କରିଥିବାବେଳେ ଡାକ୍ତର ନିରଞ୍ଜନ କର, ପିଏଚ୍ଇଓ ମନୋରଞ୍ଜନ ପଣ୍ଡା, ବିପିଏମ୍ ପ୍ୟାରୀମୋହନ ନନ୍ଦ, ବିଡ଼ିଏମ ରୋଜାଲିନ ଦାସ, ସୁଭାଷିନୀ ପତି ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଉକ୍ତ ଟିମ୍ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟ ପରିଦର୍ଶନ କରିଛନ୍ତି। ବାଲେଶ୍ୱର ଡିଏମ୍ଆର୍‌ସିଏଚ୍ ଏଲିନା ସାମଲ, ବାଲେଶ୍ୱର ଯୁଡ଼ିଏମ୍ ରାଜକିଶୋର ଘୋଷ, ବିଡ଼ିଏମ୍ ଅଭିଷେକ ବିଶ୍ୱାଳ, ନିହାର ରଞ୍ଜନ ସାହୁ ପ୍ରମୁଖ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିସିନ ଷ୍ଟକ ଷ୍ଟୋର, ଲେବର ରୁମ, ଲାବରୋଟୋରି, ବର୍ହିବିଭାଗ, ଅନ୍ତର୍ବିଭାଗ ଆଦି ପରିଦର୍ଶନ କରିବା ସହିତ ରେକର୍ଡପତ୍ର ଦେଖିବା ସହିତ ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ସୂଚନା ତଥ୍ୟକୁ ମେଳ କରିଥିଲେ। କେନ୍ଦ୍ରାପଡ଼ା ଡିଡିଏମ ଅଶୋକ କୁମାର ସାହୁ ପ୍ରତିନିଧିଦଳଙ୍କ ସହିତ ସାମିଲ ଥିବାବେଳେ ଡାକ୍ତର ପ୍ରଦୀପ କୁମାର ସାହୁ, ବିପିଏମ ହିମାଦ୍ରୀ କେଶରୀ ମହାରଥୀ, ବିଏଏମ ଅମରନାଥ ଦାସ, ବିଡ଼ିଏମ ନିରୁପମା ସ୍ୱାଇଁ, ଫର୍ମାସୀ ଅଧିକାରୀ ଦୁର୍ଗା ଚରଣ ସୋରେନ ପ୍ରମୁଖ ସହଯୋଗ କରିଥିଲେ। ଡାକ୍ତର ସ୍ୱର୍ଣ୍ଣପ୍ରଭା ରଥ, ଭେସଜ ବିଭାଗ ଡାକ୍ତର ରିତେଶ ସାହୁ, ଶିଶୁ ବିଭାଗ ଡାକ୍ତର ଅମ୍ରିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅବଧି ଶେଷ ପରେ ବି ଅଧାପନ୍ତରିଆ ବିଜୁସେତୁ



**ପଞ୍ଚୁପାଣ୍ଡବ,୨୫।୪(ସମିସ):** ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ବିରୁପା ନଦୀ ଉପରେ ଚାଲୁଥିବା ବିଜୁ ସେତୁ କାର୍ଯ୍ୟଟିକୁ ୮ ବର୍ଷ ପରେ ମଧ୍ୟ ଶେଷ ହେଲା ନାହିଁ। ବିଜୁ ସେତୁର କାର୍ଯ୍ୟ ଅବଧି ଶେଷ ହୋଇଥିବା ବେଳେ ଏବେବି କାମ ମନ୍ଥର ଗତିରେ ଚାଲିଛି। ସରକାରଙ୍କ ଉଦ୍ଦେଶ୍ୟ ଥିଲା କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରିବା ପାଇଁ ଯାଜପୁର ଜିଲ୍ଲାର ବରୀ ବ୍ଲକର ନୀଳପଦା, ମହାକାଳପଡ଼ା, କମ୍ପଗଡ଼, ରତ୍ନଗିରି, ଅମଠପୁର ଓ ଗମୁ ପଞ୍ଚାୟତ ଗୁଡ଼ିକ ଉପକୃତ ହେବେ। ଡେରାବିଶ ବ୍ଲକ ଓ ବରୀ ବ୍ଲକ ସଂଯୋଗ ହେଲେ ଗାଡ଼ିମୋଟର ଓ ଛୋଟି ବଜାରର ଦୋକାନୀମାନଙ୍କର ବେପାର ବଣିଜରେ ବି ଉନ୍ନତି ହେବ। ବରୀ ବ୍ଲକର ଲୋକମାନେ କେନ୍ଦ୍ରାପଡ଼ା ଜିଲ୍ଲାର ମେଡ଼ିକାଲ୍, କଲେଜ, ବଳଦେବଜୀଉଙ୍କ ଦର୍ଶନ କରିବାକୁ ସୁବିଧାରେ ଯାଇପାରିବେ। ବିଜୁ ସେତୁ କାର୍ଯ୍ୟ ଧିମେଇ ଚାଲୁଥିବାରୁ ପ୍ରଶାସନ ଓ ଠିକାଦାରଙ୍କ ପାରିବା ପଣିଆକୁ ନିନ୍ଦା କରିଛନ୍ତି ଅଞ୍ଚଳବାସୀ। ଯେତେଶୀଘ୍ର କାମ ସାରିବାକୁ ଛୋଟିର ବିଜୟ କୁମାର ନାୟକ, କାର୍ତ୍ତିକ ଚନ୍ଦ୍ର ରାଉତ, ସଦାନନ୍ଦ ପଣ୍ଡା, ଧନେଶ୍ୱର ପଣ୍ଡା, ଶ୍ରୀବତ୍ସ ଦାସ, ନାରଣ ଚନ୍ଦ୍ର ବଳ, ରମାକାନ୍ତ ସାହୁ, ବାସୁଦେବ ପରିଡ଼ା, ସରୋଜ ଜେନା, ପ୍ରମୋଦ ରାଉତ ଓ ଟୁକୁନା ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

ସକାଳ THE SAKALA



## ୫୫ ନଂ. ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

# ଚଳିତବର୍ଷ ୧୧୫ ଦୁର୍ଘଟଣାରେ ଗଡ଼ିଲାଣି ୬୦ ମୁଣ୍ଡ





## ୩ ବର୍ଷରେ ପ୍ରାଣ ହରାଇଲେଣି ୪୫୦ ଲୋକ

## ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ପ୍ରଶ୍ନବାଚୀ

## ୨୦୧୮ ରେ ପ୍ରଧାନମନ୍ତ୍ରୀ ମୋଦି କରିଥିଲେ ଶୁଭାରମ୍ଭ

ଢେଙ୍କାନାଳ, ୨୫।୪ (ସମିସ)

କଟକର ମଙ୍ଗୁଳିଠାରୁ ଅନୁଗୋଳ ୫୫ ନଂ. ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ, ଏହାର ବାସ୍ତବତାକୁ ନେଇ ସାଧାରଣରେ ବାରମ୍ବାର ପ୍ରଶ୍ନ ଉଠୁଛି। ବର୍ତ୍ତମାନ ସୁଦ୍ଧା ଏହି ନିର୍ମାଣାଧୀନ ଜାତରୟ ରାଜପଥରେ ମୋଟ ୩୮ଟି ଛୋଟ ବଡ଼ ଫ୍ଲାଏ ଓଭର ସହିତ ହାତୀ କରିଡର ନିର୍ମାଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ, ତାହା କହିବା ମୁସ୍କିଲ। ଏଥିପ୍ରତି ବିଭାଗୀୟ ଅଧିକାରୀ କୌଣସି ଦୃଷ୍ଟି ଦେଉ ନଥିବା ଯୋଗୁଁ ଦୈନିକ ଜୀବନହାନି ଘଟି ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଗତ ୨୦୨୨ ମସିହାରେ ମୋଟ ୪୬୧ ଦୁର୍ଘଟଣା ଘଟିଥିବା ବେଳେ ୩୩୮ ଜଣ ଆହତ ହୋଇଥିଲେ। ତନ୍ମଧ୍ୟରୁ ୨୦୫ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୨୩ରେ ୪୦୫ ଟି ଦୁର୍ଘଟଣା ଘଟିଥିବା ବେଳେ ୪୦୩ ଜଣ ଆହତ ହୋଇଥିଲେ, ତନ୍ମଧ୍ୟରୁ ୧୮୫ଜଣଙ୍କ ମୃତ୍ୟୁ ଘଟିଥିଲା। ଚଳିତବର୍ଷ ଏଯାବତ୍ ୧୧୫ଟି ଦୁର୍ଘଟଣା ଘଟିଥିବା ବେଳେ ୯୧ ଆହତ ହୋଇଥିଲେ, ତନ୍ମଧ୍ୟରୁ ୬୦ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।

କଟକ-ଅନୁଗୋଳ ୫୫ ନଂ ଜାତୀୟ ରାଜପଥକୁ ୪ଲେନ ବିଶିଷ୍ଟ ରାସ୍ତାରେ ପରିଣତ କରିବା ପାଇଁ ଗତ ୨୦୧୮ ମସିହା ଡିସେମ୍ବର ୨୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନଲାଇନ ମାଧ୍ୟମରେ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଜାତୀୟ ରାଜପଥ ପ୍ରାଧିକରଣ ମନ୍ତ୍ରଣାଳୟ ବା ଏନଏଚଏଆଇ ତରଫରୁ ଟେଣ୍ଡର କରାଯିବା ପରେ କଟକ ଜିଲ୍ଲା ମଙ୍ଗୁଳିଠାରୁ ଅନୁଗୋଳ ପର୍ଯ୍ୟନ୍ତ ୧୧୨ କିମି ରାସ୍ତାର ସମ୍ପ୍ରସାରଣ ନିମନ୍ତେ ଗାୟତ୍ରୀ ଠିକା ସଂସ୍ଥାକୁ ଏହି ଟେଣ୍ଡର ମିଳିଥିଲା। ଏହି କାର୍ଯ୍ୟକୁ ୧ ହଜାର ଦିନରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଥିବା ବେଳେ କାର୍ଯ୍ୟାରମ୍ଭ କରାଯାଇଥିଲା। କିନ୍ତୁ ଗାୟତ୍ରୀ ଠିକା ସଂସ୍ଥା ମୋଟ ୧୧୨ କିମି ରାସ୍ତାରୁ ମାତ୍ର ୬୦ କିମି ରାସ୍ତା ନିର୍ମାଣ କରି ବାଦବିବାଦ ମଧ୍ୟରେ କାମ ଛାଡ଼ି ଚାଲିଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୫୮୩ କୋଟି ଏବଂ ପରେ ୫୨୯କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। ଏହି ନିର୍ମାଣ କାର୍ଯ୍ୟକୁ ୩୦ ମାସ ମଧ୍ୟରେ ଅର୍ଥାତ ଜୁନ, ୨୦୨୧ରେ ଶେଷ କରିବାର ଥିଲା। କିନ୍ତୁ ଜୁନ ୨୦୨୧, ୨୦୨୨ ଏବଂ ୨୦୨୩ ଯାଇ ୨୦୨୪ ଜୁନ ଆସିଲାଣି କିନ୍ତୁ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ସୁଦ୍ଧା ମଙ୍ଗୁଳି ଠାରୁ ଝାରଗାଡ଼ିଆ ପର୍ଯ୍ୟନ୍ତ ପ୍ରାୟ ୮୪ ଭାଗ କାର୍ଯ୍ୟ ଶେଷ ହୋଇଥିବା ବିଭାଗ ସଫେଇ ଦେଉଥିବା ବେଳେ ତା'ର କେତେ ବାସ୍ତବତା ରହିଛି, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ଝାରଗାଡ଼ିଆ ଠାରୁ ଅନୁଗୋଳ ପର୍ଯ୍ୟନ୍ତ ୭୫ ଭାଗ କାମ ଶେଷ ହୋଇଛି ବୋଲି ବିଭାଗ କହୁଥିବା ବେଳେ ତାହା ମଧ୍ୟ ସଠିକ ନୁହେଁ ବୋଲି ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ମଙ୍ଗୁଳିଠାରୁ ଝାରଗାଡ଼ିଆ ପର୍ଯ୍ୟନ୍ତ ୧୭ଟି ଛୋଟ ବଡ଼ ଫ୍ଲାଏ ଓଭର କାର୍ଯ୍ୟ ଅଧାରେ ଅଟକିଥିବା ବେଳେ ପାଉଁଶ ମିଳୁ ନଥିବାରୁ କାର୍ଯ୍ୟ ଅଟକିଥିବା ବିଭାଗ ସଫେଇ ଦେଇଛି। ମୁଖ୍ୟତଃ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ପାଇଁ ଏନଟିପିସି ପାଉଁଶ ଯୋଗାଇ ଦେଉଥିବା ବେଳେ ବିଭିନ୍ନ କାରଣରୁ କିଛିଦିନ ହେବ ପାଉଁଶ ମିଳିପାରୁନାହିଁ। ପାଉଁଶ ଯୋଗାଇବା ପରେ କେନ୍ଦ୍ର ସରକାର ସିଧାସଳଖ ଭାବରେ ଏନଟିପିସିକୁ ଟଙ୍କା ପୈଠ କରିଥାନ୍ତି। ଏନଟିପିସିରୁ ପାଉଁଶ ନମିଳିଲେ ମଧ୍ୟ ଜିଲ୍ଲାରେ ଥିବା ବିଭିନ୍ନ କାରଖାନାରୁ ପାଉଁଶ ନଆଣି କାର୍ଯ୍ୟ ବନ୍ଦ କରାଯାଇଥିବା ଯୋଗୁଁ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲା ଦେଇ ଯାଇଥିବା ୫୫ ନଂ. ଜାତୀୟ ରାଜପଥ ଉପରେ ଜିଏମଆର, ଟାଟା ଷ୍ଟିଲ ମେରାମଣ୍ଡଳୀ, ରୁଙ୍ଗଟା ଭଳି ଅନୁଗୋଳର ବହୁ କାରଖାନା ନିର୍ଭର କରୁଥିବା ବେଳେ ରାସ୍ତା ମରାମତି ପାଇଁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରୁ ନଥିବା ଜଣାପଡ଼ିଛି। କଟକ ଜିଲ୍ଲାର କୁସୁପଙ୍ଗି, ଖୁଣ୍ଟୁଣିଠାରେ ଥିବା ଦେବୋତ୍ତର ବିଭାଗର ଜମି, କୁସୁପଙ୍ଗି ଉଚ୍ଚ ବିଦ୍ୟାଳୟ ସହିତ ଢେଙ୍କାନାଳ ଜିଲ୍ଲାର ଶ୍ୟାମାଚରଣପୁର ନିକଟରେ ଥିବା ସେସୁ କାର୍ଯ୍ୟାଳୟ ସହିତ ଓଡ଼ାପଡ଼ା ବ୍ଲକ ଗୁଣ୍ଡୁଦେଇ, ଗଇଲୋ ବସଷ୍ଟାଣ୍ଡ ନିକଟରେ ଥିବା ହାତୀ କରିଡରକୁ ନେଇ ବିବାଦ ଉପୁଜିବାରୁ କାର୍ଯ୍ୟ ବନ୍ଦ ରହିଛି। ଖୁଣ୍ଟୁଣି ଠାରେ ରାସ୍ତା ଦାବି କରି ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିଥିବା ବେଳେ ପଶାସିଂହ ଠାରେ ହାତୀ ଅଣ୍ଡରପାସ ବନ୍ଦ ରହିଛି। ଜାତୀୟ ରାଜପଥ ଏବେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟି ଜୀବନହାନି ଘଟୁଛି। ଚଳିତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ୨୨ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୧ ଜଣ ଆହତ ହୋଇଛନ୍ତି। ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଗାଡ଼ିମାନଙ୍କ ଠାରୁ ଜିଜିୟା କର ଆଦାୟ କରାଯାଉଥିବା ବେଳେ ରାସ୍ତା ଦୁର୍ଘଟଣା ପ୍ରତି ଆଦୌ ଦୃଷ୍ଟି ଦିଆଯାଉନାହିଁ। ମାର୍ଚ୍ଚ ମାସରେ ବିଭାଗ ତରଫରୁ ୨୪ ଲକ୍ଷ ୧୯ ହଜାର ୫ଶହ ଟଙ୍କା ଆଦାୟ କରାଯାଇଛି। ସେହିପରି ଏନଏଚଏଆଇ ତରଫରୁ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନେଇ ବାରମ୍ବାର ତାରିଖ ଘୋଷଣା କରାଯାଉଥିବା ବେଳେ ରାଜ୍ୟରେ ଏନଏଚ ୫୫ ସର୍ବାଧିକ ଦୁର୍ଘଟଣା ପ୍ରବଣ ବୋଲି ଜଣାପଡ଼ିଛି। ସେହିପରି ଚଳିତ ବର୍ଷ ବିନା ହେଲମେଟ ଯାତ୍ରା କରୁଥିବା ୧୫୯ ଜଣ ବ୍ୟକ୍ତିଙ୍କଠାରୁ ଜରିମନା ଆଦାୟ କରାଯାଇଥିବା ବେଳେ ଗାଡ଼ି ଚଳାଚଳ ବେଳେ ମୋବାଇଲ ଫୋନ୍ରେ କଥାବାର୍ତ୍ତା ହେଉଥିବା ୧୦ ଜଣ ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏହା ସହିତ ମଦ୍ୟପାନ କରି ୪୧ଜଣ, ଓଭର ଲୋଡିଂ ୧୦୮ ଜଣ, ଓଭର ସ୍ପିଡରେ ୩୦୯ ଜଣ, ବେପରୁଆ ଗାଡ଼ି ଚଳାଚଳ କରୁଥିବା ୧୪ଜଣ ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ସରକାର ନିୟମ ଅନୁଯାୟୀ ଜରିମାନା ଆଦାୟ କରୁଛନ୍ତି। ଏହି ରାସ୍ତାରେ ଭାରୀଯାନ ଚଳାଚଳକୁ ନେଇ କଟକଣା କରାଗଲେ ପ୍ରତ୍ୟେକ ଦିନ ଦୁର୍ଘଟଣା ହ୍ରାସ ପାଇବା ସହ ଜନଜୀବନ ରକ୍ଷା ପାଇପାରିବ।

## ଖଣି ଅଞ୍ଚଳରେ ବଢୁଛି ଦେଶୀମଦ କାରବାର

**ଢେଙ୍କାନାଳ, ୨୫।୪ (ସମିସ) :** ଢେଙ୍କାନାଳ ଜିଲ୍ଲା ଏବଂ ଯାଜପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳ ଏବେ ମଦ ମାଫିଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସୁକିନ୍ଦା ବ୍ଲକର ଚିଙ୍ଗୁଡ଼ିପାଳ ଏବଂ କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ମରୁଆ ବିଲି ପଞ୍ଚାୟତକୁ ସଂଲଗ୍ନ କରୁଥିବା ଗ୍ରାମ ଗୁଡିକରେ ବର୍ତ୍ତମାନ ବିପୁଳ ପରିମାଣରେ ମହୁଲି ମଦ କାରବାର କରାଯାଉଛି। ବିଶେଷକରି ମରୁଆ ବିଲି ଗ୍ରାମ ପଞ୍ଚାୟତର ଖରଖରୀ, ଖରଖରୀ ପାକୁଟପାଣି, ପଥର କଟା, ବଳଦିଆ ପାଳ ଏବଂ ଟୁଭୀନାଳି ସାହି ଗୁଡିକରେ ଦେଶୀ ମହୁଲି ମଦ ଅଧିକାଂଶ ଘରେ ରନ୍ଧାହେଉଛି। ଜିଲ୍ଲାର ଉପାନ୍ତ ଇଲାକା ଏବଂ କଙ୍କଡ଼ାହାଡ଼ ଥାନାରୁ ୩୦ କିଲୋମିଟର ଦୂରରେ ରହିଥିବାରୁ ଏହି ଗ୍ରାମ ଗୁଡିକରେ ବେଧଡ଼କ ମଦ କାରବାର ଚାଲିଛି। କାମାକ୍ଷାନଗର ଅବକାରୀ ବିଭାଗ ସତେ ଯେମିତି ଖୁଲମଖୁଲା ମହୁଲି ମଦ କାରବାର କରିବାକୁ ଅନୁମତି ଦେଇଛି। ଗତ ଦଶରୁ ପନ୍ଦର ବର୍ଷ ହେବ ଏହି କାରବାର ଗ୍ରାମଗୁଡିକରେ ଚାଲିଛି ଏବଂ ଏହା ଅବକାରୀ ଓ ପୁଲିସ ସହ ମଶି ସଲାସୁତୁରାରେ ଏହି କଳା କାରବାର ଚାଲିଥିବା ଅଭିଯୋଗ ଆସିଛି। ଏହାର ପ୍ରଭାବରେ ଗତ କିଛିବର୍ଷ ମଧ୍ୟରେ ଯଦି ଆକଳନ କରାଯାଏ , ତେବେ ଏହି ଗ୍ରାମ ଗୁଡ଼ିକରୁ ପ୍ରାୟ ଲୋକ ନିଶାସକ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ପ୍ରତ୍ୟେକ ପରିବାରରୁ ଜଣେ ଅଧେ ମଦୁଆ ହୋଇସାରିଛନ୍ତି। ପରିଣାମ ସ୍ୱରୂପ ପ୍ରତ୍ୟେକ ଗାଁରେ ମଦ୍ୟପଙ୍କ ଉତ୍ପାତ ବଢ଼ିଚାଲିଛି। ଯାହାଫଳରେ ସାହି ସାହି ଏବଂ ଗାଁ ଗାଁ ମଧ୍ୟରେ ଭାଇଚାରା, ସଂହତି ଏବଂ ଏକତା ନଷ୍ଟ ହୋଇଚାଲିଛି। ଗୋଡ଼ିସାହି ଗାଁର ବରିଷ୍ଠ ନାଗରିକ ନାଲୁ ମହାନ୍ତ, କାଳନ୍ଦୀ ସାମଲ, କୃଷ୍ଣ ମହାନ୍ତଙ୍କ ମନ୍ତବ୍ୟ ଅନୁଯାୟୀ ଏହି ମହୁଲି ମଦ କାରବାର ଯୋଗୁଁ ଗାଁରେ ଆଉ ଏକତା ବଜାଇ ହୋଇ ରହିନାହିଁ। ତେବେ ଏହି କଳା କାରବାର ମରୁଆବିଲି ଗ୍ରାମ ପଞ୍ଚାୟତର ନ୍ୟସ୍ତସ୍ୱାର୍ଥ କୁଜିନେତାଙ୍କ ପରୋକ୍ଷ ପ୍ରୋତ୍ସାହନରେ ଦେଉଥିବା ଅଭିଯୋଗ ମଧ୍ୟ ଆସିଛି। ଏହି କାରଣରୁ ଗତ କିଛି ବର୍ଷ ପୂର୍ବେ ଏକ ଅବକାରୀ ବିଭାଗର ଟିମକୁ ଖରଖରିଠାରେ ସ୍ଥାନୀୟ ମହୁଲି ମଦ କରୁଥିବା ମହିଳାମାନେ ଏକଜୁଟ ହୋଇ ଆକ୍ରମଣ କରିଥିବା ନଜିର ରହିଛି। ବିଶେଷକରି ଏହି ଗାଁ ଗୁଡିକର ମହିଳାମାନେ ଏହି କାରବାର ଖୁଲମଖୁଲା କରିଆସୁଛନ୍ତି। ଯଦି ଏହି କଳା କାରବାରକୁ ପ୍ରଶାସନ ବନ୍ଦ କରିବାକୁ କିଛି ପଦକ୍ଷେପ ନ ନିଏ, ତେବେ ଏହା ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବାକୁ କିଛି ସ୍ୱୟଂ ସହାୟତା ଗୋଷ୍ଠୀର ସଦସ୍ୟା ଚେତାବନୀ ଦେଇଥିବା ଗଣମାଧ୍ୟମକୁ କହିଛନ୍ତି।

### ପୁଲିସ ଏବଂ ଅବକାରୀ ବିଭାଗ ନିରବଦ୍ରଷ୍ଟା

## ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ

ଢେଙ୍କାନାଳ, ୨୫।୪ (ସମିସ) : ଜିଲ୍ଲା ସଡ଼କ ସୁରକ୍ଷା ସମୀକ୍ଷା ବୈଠକ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରି ସଡ଼କ ସୁରକ୍ଷା ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ବୈଠକରେ ଏନଏଚଏଆଇର ଅଧିକାରୀ ଜୁନ ମାସ ସୁଦ୍ଧା ଢେଙ୍କାନାଳ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥର କାର୍ଯ୍ୟ ସରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଫ୍ଲାଏ ଆସ ନମିଳିବାରୁ ରାସ୍ତା ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବା ନେଇ ସେ କହିଥିଲେ। ବାରମ୍ବାର କାର୍ଯ୍ୟ ସରିବା ନେଇ ତାରିଖ ଘୁଞ୍ଚୁଥିବାରୁ ଏହି କମିଟିର ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ ଏବଂ ଯଥାଶୀଘ୍ର କାର୍ଯ୍ୟ ସାରିବା ନେଇ କହିଥିଲେ। ଏହାସହିତ ପୁଲିସ ବିଭାଗ ଓ ପରିବହନ ବିଭାଗ ମିଳିତ ଭାବେ ସଡ଼କ ସୁରକ୍ଷା ଓ ଏହାର ସଚେତନତା ଦିଗରେ ଅଧିକରୁ ଅଧିକ କାର୍ଯ୍ୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ପିଡବ୍ଲୁଡି ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁଙ୍କ ସମେତ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



**ବାଲିଚନ୍ଦ୍ରପୁର, ୨୫।୪ (ସମିସ):** ବରିଷ୍ଠ ପ୍ରାଧାପକ ଯତିନ୍ଦ୍ର କୁମାର ରାଉତ ଓ ବାଲିଚନ୍ଦ୍ରପୁର ପ୍ରେସ ଫୋରମ ସଭାପତି ସାମ୍ବାଦିକ ଜୟନ୍ତ କୁମାର ରାଉତଙ୍କ ମାଆ ଗେହ୍ଲାମଣି ରାଉତଙ୍କ ୮୦ ବର୍ଷ ବୟସରେ ବଡଚଣା ବ୍ଲକ ତଥା ବିକ୍ରମତିରଣ ପଞ୍ଚାୟତ ଅନ୍ତର୍ଗତ ଗୋବଣ୍ଡିଆ ଗ୍ରାମସ୍ଥ ବାସଭବନରେ ଆଜି ସକାଳେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର ଶୋକ ପ୍ରକାଶ କରିଛନ୍ତି। କବି ନିରଞ୍ଜନ ଜେନା, ପ୍ରାବନ୍ଧିକ ଲଛମନ ରାଉତ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, କବି ରୁଦ୍ରପ୍ରସନ୍ନ ସାମଲ, ଟୁ ଡେ ନ୍ୟୁଜ୍‌ର ସମ୍ପାଦକ ଗଗନ ସ୍ୱାଇଁ, ସୂର୍ଯ୍ୟାସ୍ତର ସମ୍ପାଦକ ବିବେକାନନ୍ଦ ରାୟ, ସାମ୍ବାଦିକ ଏକାଦଶୀ ସେଠୀ, ଆଲୋକ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ଦିଲ୍ଲୀପ ସାମଲ, କବି ଭକ୍ତ ଚରଣ ସାହୁ, ପତରାଜପୁର ପଞ୍ଚାୟତ ସମିତି ସଭ୍ୟ କୁଳମଣି ବାରିକ, ସାମାଜସେବୀ ଅମରେନ୍ଦ୍ର ସିଂହ, ଆଡଭୋକେଟ ଶ୍ରୀବନ୍ତ ଜେନା, ପୁଲିସ ଅଧିକାରୀ ସଞ୍ଜୟ କୁମାର ଦାଶ, ସାମ୍ବାଦିକ ଉତ୍କଳ କେଶରୀ ସାମଲ, ଆଗାମୀ ଶତାବ୍ଦୀ ପତ୍ରିକାର ସମ୍ପାଦକ ଶେଖ୍ ମସୁଦ ଅଲ୍ଲୀ ପ୍ରମୁଖ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାହିତ୍ୟିକ ଡଃ ଭାଗ୍ୟଧର ସାହୁ, ଡଃ ରବୀନ୍ଦ୍ର ବିହାରୀ, ବୌଦ୍ଧ ଗବେଷକ ଡଃ ହରିଶ ଚନ୍ଦ୍ର ପୃଷ୍ଟି, ସାମ୍ବାଦିକ ଶୁଭେନ୍ଦୁ ଭୂୟାଁ, ମିହିର ପ୍ରତାପ ଦାସ, କବି କାମିନୀ ନାୟକ, ଡଃ କୃଷ୍ଣଚନ୍ଦ୍ର ପାତ୍ର, ପ୍ରଫୁଲ କୁମାର ସାହୁ, ସୁଦାମ ମହାରଣା, ବିଜୟ କୁମାର ମହାନ୍ତି, ଶେଷଦେବ ରାଉତ, ମାନସ ଚମ୍ପତିରାୟ, ବିଜୟ କୁମାର କର, ଅରକ୍ଷିତ ସାହୁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସହିତ ବିଦ୍ୟୁତ୍ କାଟ୍; ଜନଜୀବନ ଅସ୍ତବ୍ୟସ୍ତ

**କବାଟବନ୍ଧ, ୨୫।୪ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ବିଦ୍ୟୁତ୍ ସବ ଷ୍ଟେସନ ଅଧିନ ପ୍ରାୟ ୧୬ ଟି ପଞ୍ଚାୟତର ୧୨ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକ ସମେତ ହଜାର ହଜାର ଲୋକ ଗ୍ରୀଷ୍ମପ୍ରବାହ ଓ ବିଦ୍ୟୁତ କାଟ କାରଣରୁ କଲବଲ ହେଉଛନ୍ତି। ଏଣ୍ଡଳବା, ରେଖିଦେଇପୁର, ତାଳଜଙ୍ଗ, ଚକ୍ରଧରପୁର, ରାଇଛନ୍ଦା, କବାଟବନ୍ଧ, ଅଞ୍ଜିରା, ମର୍ଜିତାପୁର, ମଧୁସୂଦନପୁର ଏବଂ ୧୨ ନମ୍ବର ଜୋନର ବିଭିନ୍ନ ପଞ୍ଚାୟତବାସୀ ଏହି କଷ୍ଟରେ ଛଟପଟ ହେଉଛନ୍ତି।ଏହି ପଞ୍ଚାୟତ ଗୁଡିକ ମଧ୍ୟରୁ କିଛି ସ୍ଥାନ ପାହାଡ଼ିଆ ଅଞ୍ଚଳରେ ହୋଇ ଥିବାରୁ ଉକ୍ତ ସ୍ଥାନ ରେ ରହୁଥିବା ଲୋକମାନେ ବହୁ କଷ୍ଟରେ ରହୁଛନ୍ତି। ଦିନର ବିଭିନ୍ନ ସମୟରେ ଅଳ୍ପ କେତେ ଘଣ୍ଟା ବ୍ୟବଧାନରେ ବିଦ୍ୟୁତ୍ କରେଣ୍ଟ କଟି ଯାଉଛି। ଏଥିରେ ଛୋଟଛୋଟ ପିଲାମାନେ ଗରମ ସହ୍ୟ କରି ନ ପାରି ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି।ରାଜ୍ୟରେ ଗ୍ରୀଷ୍ମ ଲହରୀ ଜାରି ରହିଛି।ଅନେକ ସ୍ଥାନରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ପାଇଛି।ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭୀଷଣ ଗ୍ରୀଷ୍ମ ଲହରୀ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ କେତେକ ସ୍ଥାନରେ ସିଭିୟର ହିଟ ୱେଭକୁ ନେଇ ଅରେଞ୍ଜ ୱାର୍ଣ୍ଣିଂ ଆଲର୍ଟ ଜାରି କରାଯାଇଛି।ତୁରନ୍ତ ଏହାକୁ ବନ୍ଦ କରିବା ସହିତ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପ୍ରଦାନ କରିବା ପାଇଁ ବିଦ୍ୟୁତ୍ ଉପଭୋକ୍ତା ତଥା ଅଞ୍ଚଳବାସୀ ଦାବି କରିଛନ୍ତି।

## ଏମ୍‌ବିବିଏସ୍ ପରୀକ୍ଷାରେ ସଫଳ ଛାତ୍ରଙ୍କୁ ଶୁଭେଚ୍ଛା

**ବିଞ୍ଝାରପୁର, ୨୫।୪(ସମିସ):** ବିଞ୍ଝାରପୁର ବ୍ଲକ ମାଁସଡା ଗ୍ରାମର ଜୀବନଜ୍ୟୋତି ମିଶ୍ର ଏମ୍‌ବିବିଏସ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ଥିବାରୁ ବିଞ୍ଝାରପୁର ଅଞ୍ଚଳରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଡା. ଜୀବନଜ୍ୟୋତି ମିଶ୍ର କୋରାପୁଟସ୍ଥ ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜର ଛାତ୍ର ଭାବେ ସେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ମେଡିକାଲ କଲେଜ ପରିସରରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମାଁସଡା ପଞ୍ଚାୟତ ତଥା ଗ୍ରାମର ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ସଫଳତା ଖବର ପାଇ ସ୍ଥାନୀୟ ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଶାନ୍ତ କୁମାର ମିଶ୍ର, ଶିକ୍ଷାବିତ୍ ରତନଲାଲ ଭୂୟାଁ ପ୍ରମୁଖ ଜୀବନଜ୍ୟୋତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସନ୍ତରାବନ୍ଧରେ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଉତ୍ସବ

କଣିହାଁ, ୨୫।୪(ସମିସ)





କଣିହା ବ୍ଲକ କାକୁଡ଼ିଆ ପଞ୍ଚାୟତ ସନ୍ତରାବନ୍ଧ ଗ୍ରାମର ବାର୍ଷିକ ଯାତ୍ରା ଓ ମା' ହିଙ୍ଗୁଳାଙ୍କ ପୂଜା ଉତ୍ସବ ଦୁଇଦିନ ହେଲା ଚାଲିଥିବାରୁ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଅନେକ ବର୍ଷରୁ ଗ୍ରାମବାସୀ ଏହି ପର୍ବ ପାଳି ଆସୁଛନ୍ତି । ଚଳିତ ମାସ ୧୮ ତାରିଖରେ ପୂଜକ କାର୍ତ୍ତିକ ମାଝୀ ମା'ଙ୍କୁ ଆବହନ କରି ଉଭାସ୍ଥଳ ଚିହ୍ନଟ କରିଥିଲେ । ବୈଶାଖ ମାସର ପ୍ରଥମ ଦିନ ପ୍ରତିପଦା ତିଥିରେ ପୂଜା ପରମ୍ପରାକୁ ନେଇ ବାର୍ଷିକ ପୂଜା ସହିତ ଗ୍ରାମର ଯାତ୍ରା ଉତ୍ସବ ଆରମ୍ଭ ହୋଇଛି । ବିଧିମତେ ମା'ଙ୍କ ଆଲମ ବୁଧବାର ବିରାଟ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲା । ଶହସ୍ରାଧିକ ଶ୍ରଦ୍ଧାଳୁଙ୍କ ସହିତ ବହୁ ରାଜନୈତିକ ନେତୃବୃନ୍ଦ ଯୋଗଦାନ କରି ମା'ଙ୍କ ଦର୍ଶନ କରିଥିଲେ । ରାତ୍ରିରେ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ଏକ ଅପେରା ପାର୍ଟି ତରଫରୁ ଦୁଇଦିନ ଧରି ନାଟକ ପରିବେଷଣ ହୋଇଥିଲା । ଗ୍ରାମ୍ୟ କମିଟି ସଭାପତି ସୁଦେଇ ନାୟକ, ସମ୍ପାଦକ ବାବୁଲି ବାବୁଙ୍କ ସହିତ ଉତ୍ସବ ପରିଚାଳନା କମିଟିର ପ୍ରମୁଖ ସଦସ୍ୟମାନେ ସହଯୋଗ କରିଥିଲେ । ତାଳଚେର ଅଧିଷ୍ଠାତ୍ରୀ ମା' ହିଙ୍ଗୁଳାଙ୍କ ଶୀତୁଳା ପର୍ବରେ ବିଧି ପୂଜାକର୍ମ ସମାପିତ ହେବ।

## ଆସନ ଛାଡୁନାହାନ୍ତି ବ୍ଲକ୍ କର୍ମଚାରୀ, ବଦଳି ଦାବି

**ବଡ଼ଚଣା ୨୫ ।୪(ସମିସ):** ସରକାରୀ ନିୟମ ଅନୁଯାୟୀ ଜଣେ ସରକାରୀ ଅଧିକାରୀ ଗୋଟିଏ କାର୍ଯ୍ୟାଳୟରେ ତିନିବର୍ଷ ପର୍ଯ୍ୟନ୍ତ ରହିବା କଥା। କିନ୍ତୁ ବଡ଼ଚଣା ବ୍ଲକ କାର୍ଯ୍ୟାଳୟରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟରେ କେତେକ ଯନ୍ତ୍ରୀ ୧୦ ବର୍ଷରୁ ଅଧିକ ସମୟ ଧରି ଆସନ ମାଡ଼ି ବସିଥିଲେ ମଧ୍ୟ ଏଥିପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଯାହାକୁ ନେଇ ସାଧରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ଏହି ବ୍ଲକ କାର୍ଯ୍ୟାଳୟରେ କେତେକ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱରେ ଥାଇ ପରେ ଏଠାରୁ ଦୀର୍ଘଦିନ ହେବ ସହକାରୀ ଯନ୍ତ୍ରୀକୁ ପଦୋନ୍ନତି ପାଇଥିଲେ ମଧ୍ୟ ସେମାନଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି କରାଯାଇନାହିଁ।

ସେହିପରି ଏଠାରେ କନିଷ୍ଠ ଯନ୍ତ୍ରୀ ଭାବେ ଅବସ୍ଥାପିତ ଥାଇ ପରେ ସହକାରୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀକୁ ପଦୋନ୍ନତି ପାଇଥିବା ଜଣେ ଅଧିକାରୀ ଅନ୍ୟତ୍ର ବଦଳି ନ ହୋଇ ଏଠାରେ କାର୍ଯ୍ୟ କରୁଛନ୍ତି। ଦୀର୍ଘ ବର୍ଷ ଧରି ଏସବୁ ଅଧିକାରୀ ଏହି କାର୍ଯ୍ୟାଳୟରେ ନିଜର ଆଧିପତ୍ୟ ବିସ୍ତାର କରି ରହିଆସୁଥିବାରୁ ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ସଠିକ ଭାବେ କରାଯାଇପାରୁ ନ ଥିବା ଅଭିଯୋଗ ହୋଇଛି। କେତେକ ଯନ୍ତ୍ରୀ ନିଜ ନିଜ ପଞ୍ଚାୟତରେ ନିର୍ମାଣ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ ପାଇଁ ନିର୍ମାଣ ସ୍ଥଳକୁ ଆଦୌ ନ ଯାଇ ବ୍ଲକ କାର୍ଯ୍ୟାଳୟରେ ବସି ଦାୟିତ୍ୱ ନିର୍ବାହ କରୁଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏସିପି, ଏନଆରଇଜିଏସ, ଓଏଲଏମ ଆଦି ବିଭାଗରେ ଥିବା କେତେକ କର୍ମଚାରୀ ଏଠାରେ ୫/୬ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ ମଧ୍ୟ ଏମାନଙ୍କୁ ଏଠାରୁ ବଦଳି କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି। ତେବେ କାହା ଇଙ୍ଗିତରେ ଓ କେଉଁଥିପାଇଁ ଏତେ ବର୍ଷ ଧରି ଏଠାରେ ସରକାରୀ ନିୟମକୁ ଉଲ୍ଲଂଘନ କରି ଦାୟିତ୍ୱ ତୁଲାଉଥିବା ଅଧିକାରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯାଉନାହିଁ ତାହା ସ୍ପଷ୍ଟ ହୋଇନି। ତୁରନ୍ତ ଏଥିପ୍ରତି ନୂତନ ଜିଲ୍ଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି।

## ରାସ୍ତା କଡ଼ରେ ଗଚ୍ଛିତ କଳାପଥର ଲୁଟ୍ ଅଭିଯୋଗ



**କବାଟବନ୍ଧ, ୨୫।୪ (ସମିସ):** ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ଓ ପାଇପ ବିଛା ଯିବା ପାଇଁ ବିଭିନ୍ନ ସ୍ଥାନରେ ପାହାଡ଼ କଟାଯାଇଛି। ଏଥିରୁ ବାହାରିଥିବା କଳାପଥର ବାଲିସାହି ନିକଟସ୍ଥ ବାଉଁଶ ଡୋଳ ନିକଟରେ ଗଚ୍ଛିତ ରଖାଯାଇଥିଲା। ଗଚ୍ଛିତ ଥିବା କଳାପଥରରୁ ମାଫିଆମାନେ ଲୁଟ କରି ନେଉଥିବା ଦେଖିବାକୁ ମିଳିଛି। ଏହା ଧର୍ମଶାଳା ତହସିଲ କାର୍ଯ୍ୟାଳୟ ଅଧୀନରେ ରହିଥିବାବେଳେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହାକୁ କିଏ ନେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଆଶ୍ଚର୍ଯ୍ୟ ପ୍ରକଟ କରୁଥିଲେ। ଏ ନେଇ ମାର୍ଚ୍ଚ ମାସ ୨୪ ତାରିଖରେ ଦୈନିକ ଖବରକାଗଜ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବି ବିଭାଗୀୟ ଅଧିକାରୀ ଏହାକୁ ଅଣଦେଖା କରିଥିଲେ। ବିଭାଗୀୟ ଅଧିକାରୀଙ୍କ କୋହଳ ମନୋଭାବକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ବୁଧବାର ଭୋର ସମୟରେ ଏକ ଟ୍ରାକ୍ଟର ସାହାଯ୍ୟରେ ୪ ଜଣ ଶ୍ରମିକଙ୍କ ଦ୍ୱାରା ଉକ୍ତ ସ୍ଥାନରୁ କଳାପଥର ଚୋରି ହେଉଥିବା ଦେଖିବାକୁ ମିଳିଥିଲା। ଦିନ ସମୟରେ ଏଠାରୁ କିଏ ଏମିତି ନେବା ପାଇଁ ସାହସ କରୁଛି ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ତୁରନ୍ତ ଉଚ୍ଚପଦସ୍ଥ ଅଧିକାରୀ ଏହାକୁ ନେଇ ତଦନ୍ତ କଲେ ଅସଲ ଲୁଟେରା ଚିହ୍ନଟ ହୋଇପାରିବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ପାନୀୟଜଳ ପ୍ରକଳ୍ପ ଅଚଳ; ଲୋକେ ହନ୍ତସନ୍ତ

**ଚଢ଼େଇଧରା, ୨୫।୪ (ସମିସ):** ଧର୍ମଶାଳା ବ୍ଲକ ସମ୍ପାରୁ ପଞ୍ଚାୟତରେ ଜଳକଷ୍ଟ ଦେଖିବାକୁ ମିଳିଛି। ଏଠାରେ ନିର୍ମିତ ପାନୀୟଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଫଳରେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ରାତି ପାହିଲେ ଲୋକେ କେଉଁଠି ପାଣି ପାଇଁ ଗରା, ମାଠିଆ ଧରି ମାଇଲ ମାଇଲ ଦୂର ଗଲେଣି ତ କେଉଁଠି ଗରା, ମାଠିଆ ଧରି ରାସ୍ତାରୋକ ଓ ବ୍ଲକ ଘେରଉ କଲେଣି। ତଥାପି ପାଣି ସମସ୍ୟା ସୁଧୁରିବାର ନା ଧରୁନି। ପାଣି ପାଇଁ ଧମର୍ଶାଳାର ପ୍ରାୟତଃ ବହୁ ପଞ୍ଚାୟତରେ ବସୁଧା ଯୋଜନାରେ ନିର୍ମିତ ପ୍ରକଳ୍ପ କାମରେ ଆସୁନି। ଅଧିକାଂଶ ସ୍ଥାନରେ ନିର୍ମିତ ପାନୀୟଜଳ ପ୍ରକଳ୍ପ କେଇଟା ଦିନପରେ ଅଚଳ ହୋଇପଡ଼ିରହୁଛି। ଯଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡୁଛି।



ଧର୍ମଶାଳା ବ୍ଲକ ସମ୍ପାରୁ ଗ୍ରାମରେ ପାଣି ସମସ୍ୟା ଜଟିଳ ହେବା ହେତୁ ଏହି ଗାଁ ନିକଟରେ ୨୦୨୨ରେ ଏକ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ଘର ଦୁଆର ମୁହଁରେ ପାଣି ମିଳିବ ବୋଲି ଲୋକେ ଆଶା କରିଥିଲେ। ମାତ୍ର ଗ୍ରାମ୍ୟ ଜଳଯୋଗାଣ ବିଭାଗ ଓ ଠିକାଦାରଙ୍କ ମନମୁଖୀରେ ନିମ୍ନମାନର କାର୍ଯ୍ୟ ପାଇଁ ପାଣି ପାଇପାରିଲେନି ଲୋକେ। ଏହି ବସୁଧା ପାଣି ଟାଙ୍କିଟି ନିର୍ମାଣର ୭ ଦିନ ପରେ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିରହିଛି। ଆଶ୍ଚର୍ଯ୍ୟର ବିଷୟ ଏହି ଟାଙ୍କିରୁ ପାଣି ନ ଆସିବା ଓ ପାଣି କାହିଁକି ବାହାରକୁ ଆସୁନାହିଁ ତାହା ସମ୍ପାରୁ ଗାଁ ଲୋକଙ୍କ ଅଜଣା ହୋଇରହିଛି। ଏହି ଗାଁ ନିକଟରେ ନିଶ୍ଚନ୍ଦା ଓ ରାହଡ଼ପୁର ପାହାଡ଼ ହୋଇଥିବାରୁ ଗ୍ରୀଷ୍ମଋତୁରେ ଜଳସ୍ତର କମିଯାଏ। ଫଳରେ ଗାଁର ଲୋକମାନେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାରେ ପଡ଼ିଥା'ନ୍ତି। ଚଳିତ ବର୍ଷ ପାଣି ପାଇଁ ଅସୁବିଧାରେ ପଡ଼ିଥିବା ଅଭିଯୋଗ ହେଉଛି। ତୁରନ୍ତ ସମ୍ପାରୁ ଗ୍ରାମର ଜଳକଷ୍ଟ ଦୂର କରିବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

